ବର୍ଷ-୨୫, ସଂଖ୍ୟା-୧୪୭
ଭୁବନେଶ୍ୱର
୩୦, ମଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 147
Bhubaneswar
30,May, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଫାଇନାଲରେ ଆରସିବି



# ପାକିସ୍ତାନକୁ ରୋକଠୋକ୍ ଜବାବ

**ନୂଆଦିଲ୍ଲୀ,୨୯।୫(ଏଜେନ୍ସି):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏକ ବିବୃତ୍ତି ଜାରି କରି କହିଥିଲେ ଯେ ସେ ଭାରତ ସହିତ ଆଲୋଚନା କରିବାକୁ ଚାହାଁନ୍ତି, ଯେଉଁଥିରେ ଆତଙ୍କବାଦ ବିରୋଧୀ ପ୍ରସଙ୍ଗ ଉପରେ ଆଲୋଚନା ମଧ୍ୟ ସାମିଲ



ଅଛି। ଏହା ଉପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ କଡ଼ା ଜବାବ ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଯେପର୍ଯ୍ୟନ୍ତ ପାକିସ୍ତାନ ସହିତ ଆମର ସମ୍ପର୍କକୁ ନେଇ ପ୍ରଶ୍ନ ଉଠୁଛି, ଆମର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ସ୍ପଷ୍ଟ ସେ କହିଛନ୍ତି, ଯେକୌଣସି ସମ୍ପର୍କ ଦ୍ୱିପାକ୍ଷିକ ହେବା ଉଚିତ। ଆମେ ଏହା ମଧ୍ୟ ଦୋହରାଇବାକୁ ଚାହୁଁଛୁ ଯେ ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ।

ଜୟସ୍ୱାଲ କହିଛନ୍ତି, ପାକିସ୍ତାନକୁ ସେହି ସମସ୍ତ କୁଖ୍ୟାତ ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରିବାକୁ ପଡିବ, ଯାହାଙ୍କ ରେକର୍ଡ ଏବଂ ତାଲିକା ଆମେ କିଛି ବର୍ଷ ପୂର୍ବରୁ ସେମାନଙ୍କୁ ହସ୍ତାନ୍ତର କରିଥିଲୁ। ଏହା ବ୍ୟତୀତ, ଜମ୍ମୁ ଏବଂ କାଶ୍ମୀର ଉପରେ ଆଲୋଚନା ସେତେବେଳେ ହେବ। ଯେତେବେଳେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ସମ୍ପୂର୍ଣ୍ଣ ଖାଲି ହୋଇଯିବ ଏବଂ ଯେତେବେଳେ ପାକିସ୍ତାନ ଏହି ଅଞ୍ଚଳ ଆମକୁ ହସ୍ତାନ୍ତର କରିବ। ସେ ଆହୁରି ମଧ୍ୟ କହିଛନ୍ତି, ଯେପର୍ଯ୍ୟନ୍ତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ହେଉଛି, ଏହା ସ୍ଥଗିତ ରହିବ ଯେପର୍ଯ୍ୟନ୍ତ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ ପରିତ୍ୟାଗ ନ କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଯାଇପାରିବ ନାହିଁ, ଆତଙ୍କବାଦ ଏବଂ ବାଣିଜ୍ୟ ଏକାଠି ହୋଇପାରିବ ନାହିଁ। ପାଣି ଏବଂ ରକ୍ତ ଏକାଠି ପ୍ରବାହିତ ହୋଇପାରିବ ନାହିଁ।ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସାଲ କହିଛନ୍ତି, ପାକିସ୍ତାନ ସହିତ ହୋଇଥିବା କୌଣସି ଆଲୋଚନାରେ ବାଣିଜ୍ୟ କିମ୍ବା ଶୁଳ୍କ ପ୍ରସଙ୍ଗ ଉଠି ନାହିଁ। ବୈଦେଶିକ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଉଭୟ ପାର୍ଶ୍ୱରୁ ଗୁଳିବର୍ଷଣ ବନ୍ଦ କରିବାର ନିଷ୍ପତ୍ତି ଭାରତ ଏବଂ ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ମାଧ୍ୟମରେ ନିଷ୍ପତ୍ତି ନିଆଯାଇଥିଲା।

# ହୋମଗାର୍ଡ ଚାକିରି ପାଇଁ ଆସି ଦୁଇ ଯୁବକଙ୍କ ଜୀବନ ଗଲା

**ପାରଳାଖେମୁଣ୍ଡି,୨୯।୫(ମହାଭାରତ) :** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ହୋମାଗାର୍ଡ ଚାକିରି ପାଇଁ ଶାରୀରିକ ପରୀକ୍ଷାରେ ଦଉଡୁଥିବା ଅବସ୍ଥାରେ ଦୁଇ ଜଣ ଯୁବକଙ୍କର ଜୀବନ ଚାଲି ଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁଃଖଦ ଖବର ପାଇବା ପରେ ଏଥିରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ଏବଂ ପ୍ରତ୍ୟେକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ମୃତକ ହେଉଛନ୍ତି ରାମଗିରି ଥାନା ଅନ୍ତର୍ଗତ ପରିସଲ ଗ୍ରାମର ସୁଲନ୍ତ ମିଶାଲ ଓ ରାୟଗଡ ବ୍ଲକ ନାରାୟଣପୁର ଗ୍ରାମର ଦୀପକ ପାଡାଲ।

## ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ

# କୃଷକମାନଙ୍କ ପ୍ରଗତି ପାଇଁ ନୂତନ ପଥ ଖୋଲିବ : ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୯।୫(ମହାଭାରତ):** ଆଜି ପୂର୍ବାହ୍ନରେ ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରୁ ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅପରାହ୍ନରେ ଓୟୁଏଟି, ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷକ ମାନଙ୍କ ସହିତ ଭେଟି ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନ ବିଷୟରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିକାଶ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତ କରିଥିଲେ।

ଏହି ଅବସରରେ ନିଜର ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକାଶ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କୃଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ କୃଷି ବିକାଶକୁ ସମର୍ଥନ କରିବା ପାଇଁ ଏକ ଅନନ୍ୟ ପ୍ରୟାସ କୃଷି କ୍ଷେତ୍ରରେ ଆଧୁନିକୀକରଣକୁ ଆଗେଇ ନେଉଥିବା କୃଷକମାନଙ୍କ ପ୍ରଗତି ପାଇଁ ଏହି ଅଭିଯାନ ନୂତନ ପଥ ଖୋଲିବ। ମୌସୁମୀ ଆସିବା ଏବଂ ଖରିଫ ଋତୁ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହିତ, ଆଗାମୀ ୧୨ ରୁ ୧୫ ଦିନ ମଧ୍ୟରେ ବୈଜ୍ଞାନିକ, ବିଶେଷଜ୍ଞ, ଅଧିକାରୀ ଏବଂ ପ୍ରଗତିଶୀଳ କୃଷକଙ୍କ ଦ୍ୱାରା ଗଠିତ ୨୦୦୦ ଦଳ ୭୦୦ ରୁ ଅଧିକ ଜିଲ୍ଲା ଭ୍ରମଣ କରିବେ ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଚାଷୀଙ୍କ ନିକଟରେ ପହଞ୍ଚିବେ। ସେ ସମସ୍ତ ଚାଷୀ ଏବଂ ଏହି ଦଳରେ ଅଂଶଗ୍ରହଣକାରୀଙ୍କୁ ତାଙ୍କର ଶୁଭକାମନା ଜଣାଇ ଭାରତର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସେମାନଙ୍କ ପ୍ରତିବଦ୍ଧତା ବିଷୟରେ କହିଥିଲେ। ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ, ସମସ୍ତ ଚାଷୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ବୈଜ୍ଞାନିକ ଗବେଷଣା ଏବଂ ସଫଳ



କୃଷି ପଦ୍ଧତିଗୁଡ଼ିକ ବ୍ୟାପକ ଚାଷୀ ସମାଜ ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆଜିର ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ, ଜାତୀୟ ସ୍ତରର ଏକ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଏହା ମାଧ୍ୟମରେ ଭାରତୀୟ କୃଷିର ଦୃଶ୍ୟପଟ ପରିବର୍ତ୍ତନ ହେବ ବୈଜ୍ଞାନିକ ମାନଙ୍କ ଦ୍ୱାରା ସଠିକ୍ ବୈଷୟିକ ଜ୍ଞାନ କୌଶଳ କିପରି ଚାଷୀ ଭାଇମାନଙ୍କ ପାଖରେ ସିଧା ସଳଖ ପହଞ୍ଚିପାରିବ, ଏହି ଅଭିଯାନ ତାହାକୁ ସୁନିଶ୍ଚିତ କରିବା ସହ ଅରମ କୃଷକମାନଙ୍କୁ ସମୃଦ୍ଧ, ସ୍ୱାବଲମ୍ବୀ କରାଇବା ସାଙ୍ଗକୁ ସେମାନଙ୍କର ସ୍ୱୟଂସମ୍ପୂର୍ଣ୍ଣ ଭବିଷ୍ୟତ ଗଢିବାରେ ସହାୟକ ହେବ। ବୀରଗୋବିନ୍ଦପୁର ଠାରେ କୃଷକ ପଦଯାତ୍ରା, ସିଫାରେ କୃଷିଜୀବୀ ମହିଳା ସମ୍ମିଳନୀ, ସିଏଚଇଏସରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ଏବଂ ଓୟୁଏଟି ରେ ଏହି ପ୍ରମୁଖ କାର୍ଯ୍ୟକ୍ରମ, କୃଷି କ୍ଷେତ୍ରରେ ଏକ ନୂତନ ସୂର୍ଯ୍ୟୋଦୟର ଦୃଢ ସମ୍ଭାବନା ସୃଷ୍ଟି କରୁଛି। ଆଜି ଓଡିଶାର କୃଷକମାନେ, କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ଆମର ଚାଷୀ ଭାଇମାନେ ପ୍ରତିକୂଳ ପରିସ୍ଥିତିରୁ ଆଗକୁ ଯାଇ ନିଜର ନୂଆ ପଦକ୍ଷେପ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ମନୋଭାବ ମାଧ୍ୟମରେ ଖାଦ୍ୟ ନିରାପତ୍ତା ଏବଂ ଗ୍ରାମୀଣ ବିକାଶରେ ନିଜର ବଳିଷ୍ଠ ଅବଦାନ ରଖିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ, ଏହି ଅଭିଯାନ ଦ୍ୱିପାକ୍ଷିକ ଯୋଗାଯୋଗ ପଦ୍ଧତିରେ କାର୍ଯ୍ୟ କରିବ, ଗୋଟିଏ ପଟେ ବୈଜ୍ଞାନିକମାନେ କୃଷକମାନଙ୍କ ସହିତ ଗବେଷଣା ଏବଂ ବୈଷୟିକ ସୂଚନା ପ୍ରଦାନ କରିବେ, ଅନ୍ୟପଟେ ସେମାନେ କୃଷକମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ସୂଚନା ସଂଗ୍ରହ କରିବେ। ଲ୍ୟାବ ଟୁ ଲ୍ୟାଣ୍ଡକୁ ସଂଯୋଗ କରିବା ପାଇଁ, ଆମର ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଏହି ଅଭିଯାନରେ ଆମ କୃଷକ ଭାଇ ଭଉଣୀଙ୍କ ସହ ସହିତ ଜଡିତ ହେବେ। ଶ୍ରୀ ଚୌହାନ କହିଥିଲେ ଯେ ଏହି ଅଭିଯାନର କାର୍ଯ୍ୟକାରିତା ପାଇଁ ୧୬ ହଜାର ବୈଜ୍ଞାନିକଙ୍କ ଦଳ ଗଠନ କରାଯାଇଛି, ଯେଉଁମାନେ ଗାଁରୁ ଗାଁ ଯାଇ ଚାଷୀଙ୍କ ସହିତ ଯୋଗାଯୋଗ କରିବେ ଗୋଟିଏ ଦଳ ଗୋଟିଏ ଦିନରେ ୨ଟି ଗାଁକୁ ଯିବେ। ଏହି ଅଭିଯାନ ୧୫ ଦିନ ଧରି ଚାଲିବ ଏବଂ ଚାଷୀଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ହେବ ଅଞ୍ଚଳର ଜଳବାୟୁ, ପାଣି, ମାଟିରେ ପୁଷ୍ଟିସାର ଏବଂ ଅନ୍ୟାନ୍ୟ ଜିନିଷକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ କେଉଁ ଫସଲ ଚାଷ କରିବା ଉଚିତ, କେଉଁ ପ୍ରକାରରେ ବ୍ୟବହାର କରିବା ଉଚିତ, ସାର କିପରି ବ୍ୟବହାର କରିବେ ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯିବ। ଏହି ଅଭିଯାନ ଓଡ଼ିଶା ଏବଂ ସାରା ଦେଶରେ କୃଷି ପ୍ରଗତିରେ ଏକ ନୂତନ ଯୁଗ ସୃଷ୍ଟି କରିବ।

"କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଏକ ବିକଶିତ ଭାରତ ପାଇଁ, ଭାରତୀୟ କୃଷିକୁ ମଧ୍ୟ ବିକାଶ କରିବାକୁ ପଡିବ ଏବଂ ଭାରତୀୟ କୃଷି, ଭାରତର ପ୍ରତ୍ୟେକ ଗାଁର ଆତ୍ମାରେ ଅଛି ଏହି ଅଭିଯାନ ଦ୍ୱାରା ନିକଟ ଭବିଷ୍ୟତରେ କୃଷି କ୍ଷେତ୍ରରେ, ଆମ ରାଜ୍ୟରେ ନିଶ୍ଚିତ ରୂପେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ " ଏହି ଅବସରରରେ ସମସ୍ତ ଅତିଥିଗଣଙ୍କ କର କମଳରେ କୃଷି ପରାମର୍ଶ ପୁସ୍ତିକା ଉନ୍ମୋଚନ ହୋଇଥିଲା।

କାର୍ଯ୍ୟକ୍ରମ ପ୍ରାରମ୍ଭରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ, ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ସଚିବ ଦେବେଶ ଚତୁର୍ବେଦୀ, ଓୟୁଏଟିର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ, ଡେପୁଟି ଡାଇରେକ୍ଟର ଜେନେରାଲ୍ ରାଜବୀର ସିଂ, ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗୀ ଲାଲ୍ ଜାଟ୍ ପ୍ରମୁଖ ମଂଚାସୀନ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଯୁବ ସଂଗଠନ

**ଭୁବନେଶ୍ୱର,୨୯।୫(ମହାଭାରତ):** ରାଜ୍ୟ ଅତିଥି ଭବନ ଠାରେ ଆଜି ରାଜ୍ୟର ବିଭିନ୍ନ ଛାତ୍ର ଓ ଯୁବ ସଂଗଠନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଭିନ୍ନ ସରକାରୀ ପଦପଦବୀରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ପୂର୍ବରୁ ୩୨ ଥିବାବେଳେ, ଗତକାଲି କ୍ୟାବିନେଟରେ ଏହାକୁ ୪୨କୁ ବୃଦ୍ଧି କରାଯାଇଛି। କେବଳ ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ଇତ୍ୟାଦି ୟୁନିଫର୍ମ ସେବା (ଯେଉଁଠାରେ ଶାରୀରିକ ଦକ୍ଷତା ପରୀକ୍ଷା ଆବଶ୍ୟକ) କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ, ମହିଳା, ଭିନ୍ନକ୍ଷମ ବ୍ୟକ୍ତି ଓ ଅବସରପ୍ରାପ୍ତ ସେନିକଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି



ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସସୀମା କୋହଳ ହେବ।ସୂଚନାଯୋଗ୍ୟ ଯେ ପୂର୍ବରୁ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁଦିନରୁ ଦାବି ହୋଇ ଆସୁଥିଲା। କିନ୍ତୁ ପୂର୍ବ ସରକାର ଏହି ଦାବିକୁ ପୂରଣ କରି ନ ଥିଲେ। ଏକ ବର୍ଷ ପୂର୍ତ୍ତି ପୂର୍ବରୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ଓ ସଂଘର୍ଷକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ନିଷ୍ପତ୍ତି ନେଇଥିବାରୁ ଯୁବ ବର୍ଗର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ଇଡି ଉପନିର୍ଦ୍ଦେଶକଙ୍କୁ ବାନ୍ଧିଲା ସିବିଆଇ

**ଭୁବନେଶ୍ୱର,୨୯।୫(ମହାଭାରତ):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ବରିଷ୍ଠ ଅଧିକାରୀ ଆଜି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଫାସରେ ପଡ଼ିଛନ୍ତି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟରତ ଇଡିର ଉପନିର୍ଦ୍ଦେଶକ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଛନ୍ତି।ଅଭିଯୁକ୍ତ ଅଧିକାରୀ ହେଉଛନ୍ତି ଚିନ୍ତନ ରଘୁବଂଶୀ।

ଖଣିଜନିତ ଏକ ମାମଲାର ରଫାଦଫା କରିବା ପାଇଁ ୨୦୧୩ର ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ତଥା ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ ଏନେଇ ସିବିଆଇରେ ଅବଗତ କରିଥିଲେ। ସିବିଆଇ ସୂଚନା ଆଧାରରେ ଲାଞ୍ଚୁଆ ଅଧିକାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଆଜି ୨୦ ଲକ୍ଷ ଟଙ୍କା ନେଉଥିବା ବେଳେ ଅତର୍କିତ ଚଢ଼ାଉ କରି ଧରିଛି। ଘଟଣାସ୍ଥଳରୁ ସିବିଆଇର ବରିଷ୍ଠ ଅଧିକାରୀମାନେ ରଙ୍ଗବୋଳା ୨୦ ଲକ୍ଷ ଟଙ୍କା ଜବତ କରିଥିଲେ। ଅଭିଯୁକ୍ତ ରଘୁବଂଶୀଙ୍କୁ ସିବିଆଇ ପଚରାଉଚୁରା କରୁଛି।

# ଟ୍ରମ୍ପଙ୍କୁ ଡବଲ୍ ଝଟ୍କା

**ୱାଂଶିଟନ,୨୯।୫(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୁକ୍ତି ଦିବସ' ଆମଦାନୀ ଶୁଳ୍କ ବା ଟାରିଫ ନୀତିକୁ ବଡ଼ ଝଟକା ଲାଗିଛି। ଟ୍ରମ୍ପ ଏହାକୁ ପୂରା ବିଶ୍ୱ ଉପରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଆମେରିକାର ଗୋଟିଏ କୋର୍ଟ ଟାରିଫ ନୀତି ଉପରେ ରୋକ ଲଗାଇ ଦେଇଛନ୍ତି। ବିଶ୍ୱର ଯେଉଁ ଦେଶଗୁଡ଼ିକ ଆମେରିକା ଠାରୁ କମ ଜିନିଷ କିଣୁଛନ୍ତି ଓ ଅଧିକ ଜିନିଷ ବିକ୍ରି କରୁଛନ୍ତି, ସେମାନଙ୍କ ଉପରେ ଶୁଳ୍କ ଲଗାଇ ରାଷ୍ଟ୍ରପତି ନିଜ କ୍ଷମତାର ଅପବ୍ୟବହାର କରିଥିବା କୋର୍ଟ ନିଜ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।



ଆମେରିକାର କମାଣ୍ଡର ଇନ ଚିଫ ଅନ୍ତର୍ଜାତୀୟ ଜରୁରିକାଳୀନ ଆର୍ଥିକ ଶକ୍ତି ଅଧିନିୟମ(ଆଇଇପିଏ)କୁ ବ୍ୟବହାର କରି ବିଶ୍ୱସ୍ତରୀୟ ଟାରିଫ ନିର୍ଦ୍ଧାରଣ କରିଥିବା ଦାବି କରୁଛନ୍ତି। ହେଲେ ଏହି ଅଧିନିୟମ ଉଦ୍ଦେଶ୍ୟ ଥିଲା ଜାତୀୟ ଜରୁରୀ ପରିସ୍ଥିତିରେ ଦେଖାଯାଉଥିବା ଅସାମାନ୍ୟ ଓ ଅସାଧାଣ ବିପଦର ମୁକାବିଲା କରିବା। ଏହାକୁ ବ୍ୟବହାର କରି ରାଷ୍ଟ୍ରପତି ଟାରିଫ ଲାଗୁ କରିପାରିବେ ନାହିଁ।

ଶୁଣାଣି ବେଳେ ଟ୍ରମ୍ପ ପ୍ରଶାସନ ଟାରିଫ କ୍ଷମତା ଅକ୍ଷୁଣ୍ଣ ରଖିବାକୁ ଯୁକ୍ତି କରିଥିଲା। ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ଟାରିଫ ନୀତିକୁ ଆଇନଗତ ଝଟକା ଶିଳ୍ପ ଯୁଦ୍ଧରେ ବିରାମ ଲାଗାଇବାକୁ ଚାଇନା ସହ ଚାଲିଥିବା ବୁଝାମଣାର ରୂପକୁ ବଦଳାଇ ଦେବ। ସେହିପରି ଭାରତ-ପାକିସ୍ତାନ ବିବାଦକୁ ପୁଣି ତୀବ୍ର କରିବ। ଟ୍ରମ୍ପଙ୍କ ଅଧିକାରୀମାନେ କୋର୍ଟରେ ଯୁକ୍ତି ରଖିବା ବେଳେ ଦାବି କରିଥିଲେ ଯେ ରାଷ୍ଟ୍ରପତି ଟ୍ରମ୍ପ ନିଜର ଟାରିଫ କ୍ଷମତାକୁ ବ୍ୟବହାର କରି ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଭୟଙ୍କର ବିବାଦରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ସେମାନେ କହିଥିଲେ ଯେ ଟାରିଫକୁ ନେଇ ବିଭିନ୍ନ ଦେଶଗୁଡ଼ିକ ସହ ବ୍ୟବସାୟିକ ବୁଝାମଣା ଉପରେ ଆଲୋଚନା ଚାଲିଛି ଓ ଟ୍ରେଡ ଡିଲ ପାଇଁ ଜୁଲାଇ ୭ ଯାଏ ସମୟ ଧାର୍ଯ୍ୟ କରାଯାଇଥିବାରୁ ଏବେ ଟାରିଫ ନୀତିର ପ୍ରଭାବ ସେତେଟା ପଡ଼ିବ ନାହିଁ। ମାନହାଟନରେ ୩ ବିଚାରପତିଙ୍କୁ ନେଇ ଗଠିତ ଅନ୍ତର୍ଜାତୀୟ ଟ୍ରେଡ୍ କୋର୍ଟ ପକ୍ଷରୁ ଟ୍ରମ୍ପ ପ୍ରଶାସନର ସମସ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି ଦିଆଯାଇଛି। କୋର୍ଟ ନିଜ ରୁଲିଂରେ କହିଛନ୍ତି ଯେ କଂଗ୍ରେସ(ଆମେରିକା ସଂସଦ) ଆଇଇପିଏ ଅଧୀନରେ ରାଷ୍ଟ୍ରପତିଙ୍କୁ ଅସୀମ କ୍ଷମତା ଦେଇ ନାହିଁ। ଏମର୍ଜେନ୍ସି ସମୟରେ ଦେଖାଯାଉଥିବା ଅସାମାନ୍ୟ ଓ ଅସାଧାରଣ ବିପଦର ମୁକାବିଲା ପାଇଁ ସଂସଦ ରାଷ୍ଟ୍ରପତିଙ୍କୁ କେବଳ କିଛି ଆବଶ୍ୟକ ଆର୍ଥିକ କଟକଣା ଲଗାଇବାର କ୍ଷମତା ପ୍ରଦାନ କରିଛି।

# ମାଓନେତା ହିଡମା ଗିରଫ

**ଭୁବନେଶ୍ୱର,୨୯।୫(ମହାଭାରତ):** ମାଓବାଦୀ ଅଭିଯାନ କ୍ଷେତ୍ରରେ କୋରାପୁଟ ପୋଲିସକୁ ଏକ ବଡ ସଫଳତା ମିଳିଛି । ଦୁର୍ଦ୍ଦାନ୍ତ ମାଓବାଦୀ କୁଞ୍ଜାମ ହିଡମା ଓରଫ ମୋହନକୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ମାଓବାଦୀ ହିଡମା ଓରଫ ମୋହନ ଛତିଶଗଡ଼ର ବିଜାପୁର ଜିଲ୍ଲା ଉସୁର ଥାନା ଅଞ୍ଚଳର ନିବାସୀ ବୋଲି କୋରାପୁଟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସପି ରୋହିତ ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୋଲିସ ତା ନିକଟରୁ ଗୋଟିଏ ଏକେ-୪୭ ରାଇଫଲ, ୩୫ ରାଉଣ୍ଡ ଗୁଳି, ୨୭ଟି ଇଲେକ୍ଟ୍ରିକ୍ ଡିଟୋନେଟର୍, ୯୦ଟି ନନ୍-ଇଲେକ୍ଟ୍ରିକ୍ ଡିଟୋନେଟର୍, ୨ କି.ଗ୍ରା. ଗନ ପାଉଡର, ମାଓବାଦୀ ପୁସ୍ତିକା ସମେତ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି।



ଏସପି ଶ୍ରୀ ବର୍ମାଙ୍କ ସୂଚନା ମୁତାବକ, ୨୮ ମଇ, ୨୦୨୫ ରାତିରେ ବୈପାରୀଗୁଡା ଥାନା ଅଧୀନ ପେଟଗୁଡା ଗାଁ ନିକଟସ୍ଥ ଜଙ୍ଗଲରେ କିଛି ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିଥିଲା। ଏସଡିପିଓ ଜୟପୁର ଶ୍ରୀ ପାର୍ଥ କଶ୍ୟପଙ୍କ ନେତୃତ୍ୱରେ ଡିଭିଏଫ ଯବାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢାଉ ଆରମ୍ଭ ହୋଇଥିଲା। ଘଟଣା ସ୍ଥଳରେ ମାଓବାଦୀମାନେ ଖସି ପଳାଇବାକୁ ଉଦ୍ୟମ ଆରମ୍ଭ କରି ଡିଭିଏଫ ଟିମ ଉପରେ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ଡିଭିଏଫ ଦଳ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ। ଘଟଣାସ୍ଥଳରୁ କିଛି ମାଓବାଦୀ ଖସି ପଳାଇଥିବା ବେଳେ ଦୁର୍ଦ୍ଦାନ୍ତ ମାଓବାଦୀ କୁଞ୍ଜାମ ହିଡମା ପୋଲିସ ହାବୁଡରେ ପଡିଯାଇଥିଲା ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ରେ ଛତିଶଗଡର ଚାନ୍ଦମେଟା, ୨୦୨୩ରେ କୋଲେଙ୍ଗଡବା, ୨୦୨୦ରେ ଓଡିଶାର କୋଣ୍ଡାଝରି, ଏବଂ ୨୦୨୧ରେ କୁମ୍ଭିଖରିରେ ହୋଇଥିବା ମାଓବାଦୀ ଘଟଣାରେ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା। ଏହା ସହ ଓଡିଶାରେ କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନାରେ ୪ଟି ମାମଲା, ମାଲକାନଗିରି ଜିଲ୍ଲାର ମାଥିଲି ଥାନାରେ ୩ଟି ମାମଲା ରହିଛି। ଏହାବ୍ୟତୀତ ଏକାଧିକ ମାଓବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଘଟିଥିବା ଗୁଳି ବିନିମୟ ଘଟଣାରେ ହିଡମା ଜଡିତ ଥିବାର ପୋଲିସ ସୂଚନା ପାଇଛି ।

## ଶୀତଳ ଷଷ୍ଠୀ ଯାତ୍ରା ପାଇଁ ୫୦ ଲକ୍ଷର ଅନୁଦାନ ଘୋଷଣା

ଭୁବନେଶ୍ୱର,୨୯।୫(ମହାଭାରତ): ଶୀତଳ ଷଷ୍ଠୀ ଯାତ୍ରାକୁ ଆହୁରି ଭବ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଶୀତଳ ଷଷ୍ଠୀ ଯାତ୍ରା' ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହ। ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହ୍ୟ ସମ୍ପନ୍ନ 'ଶୀତଳ ଷଷ୍ଠୀ' ଯାତ୍ରାକୁ ଆହୁରି ଭବ୍ୟ କରିବା ସହ ଏହାର ପ୍ରଚାର, ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ପାଣ୍ଠିରୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରୁଛି। ଲୋକଙ୍କ ସରକାରରେ ମହନୀୟ ହେବ ଲୋକ ପରମ୍ପରା, ଗରିମାମୟ ହେବ ଓଡ଼ିଆ ଅସ୍ମିତା।

# ଲକ୍ଷପତି ଦିଦି : ରାଜ୍ୟରେ ନୟାଗଡ଼ ଜିଲ୍ଲା ପ୍ରଥମ

**ଭୁବନେଶ୍ୱର,୨୯।୫(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳା ମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର କଥା ନୁହେଁ। ପରନ୍ତୁ, ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳା ମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମାହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀ ମାନେ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିର ଏହି ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ହେଉଛି ଆମର ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ମହିଳା ମାନଙ୍କ ଶକ୍ତି ଓ ଉଦ୍ୟମ ପରିବାର ଓ ଦେଶର ଭବିଷ୍ୟତକୁ ସୁଦୃଢ କରିଥାଏ। ଲକ୍ଷପତି ଦିଦି ଯୋଜନା କେବଳ ଏକ କଲ୍ୟାଣକାରୀ ଯୋଜନା ନୁହେଁ, ଏହା ହେଉଛି ଏକ ସମାବେଶୀ ଓ ସ୍ଥାୟୀ ବିକାଶର ରଣନୀତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ମହିଳାଙ୍କର ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୀତିକ



କ୍ଷେତ୍ରରେ ମହିଳା ମାନଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମରେ ୩୩ ପ୍ରତିଶତ ମହିଳା ଲୋକସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଓଡିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ଆଜି ଓଡିଶା ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ ଜିଲ୍ଲାର ଶକୁନ୍ତଳା ଧଳ, ଗଜପତି ଜିଲ୍ଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡା ଜିଲ୍ଲାର ମମତା ନାଥ ଶର୍ମାଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାରେ ୯୮ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ ଜିଲ୍ଲା ଏବଂ ୯୭ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡା, କଟକ, ଭଦ୍ରକ, ଜଗତସିଂହପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ରାଜ୍ୟ ସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀ ପ୍ରସାଦ ନାୟକଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକଲେଟ୍ ଉନ୍ମୋଚନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଉଦବୋଧନ ଦେଇ କହିଥିଲେ ଯେ, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ। ଯାହା ମହିଳାମାନଙ୍କୁ ଘର ଚାରି କାନ୍ଥ ମଧ୍ୟରୁ ବାହାର କରି ବିକାଶ ସ୍ରୋତରେ ଯୋଡୁଛି।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ବିକାଶ ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କରିବାକୁ ଆମେ ଗୁରୁତ୍ୱ ଦେଉଛୁ। ଆମର ଲକ୍ଷ୍ୟ କେବଳ ଲକ୍ଷପତି ଦିଦି ସୃଷ୍ଟି କରିବା ନୁହେଁ, ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ଆମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ହାଇଆଲର୍ଟ

**ରାଉରକେଲା,୨୯।୫(ମହାଭାରତ):** ସୁନ୍ଦରଗଡ଼ ଜିଲାର ବାଙ୍କୋ ପଥର ଖଣିକୁ ବିସ୍ଫୋରକ ସାମଗ୍ରୀ ପରିବହନ କରୁଥିବା ଏକ ଗାଡ଼ିରୁ ବିସ୍ଫୋରକ ଲୁଟ୍ ଘଟଣାରେ ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି। ଦୁଇ ରାଜ୍ୟ ସୀମା ସିଲ୍ କରି ତଲାସୀ ଅଭିଯାନ ଜାରି ରହିଛି। କେ ବଲାଙ୍ଗ ଥାନା ବାଙ୍କୋରେ ସିଆରପିଏଫ୍ ଆଇଜି ଓ କମାଣ୍ଡାଣ୍ଟ ତନାଘନା କରିଛନ୍ତି। ଏ ନେଇ ଓଡ଼ିଶା-ଝାଡଖଣ୍ଡ ସୀମାରେ ହାଇଆଲର୍ଟ ଜାରି କରାଯାଇଛି।

ରାଉରକେଲା ପୋଲିସ ଜିଲା କାର୍ଯ୍ୟାଳୟରେ ପୋଲିସ ଡିଜି, ଆଇଜି, ପଶ୍ଚିମାଞ୍ଚଳ ଡିଆଇଜି, ସୁନ୍ଦରଗଡ଼ ଏସପି ଏବଂ ପୋଲିସ ଜିଲାର ଅଧିକାରୀମାନଙ୍କୁ ନେଇ ଚାଲିଥିବା ବୈଠକ ଶେଷ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଲୁଟ୍ ହୋଇଥିବା ମାଓବାଦୀ ବିସ୍ଫୋରକ ଦ୍ରବ୍ୟ ଉଦ୍ଧାର ହୋଇ ପାରି ନ ଥିବା ବେଳେ କେବଳ ବିସ୍ଫୋରକ ନେଇ ଯାଉଥିବା ଭ୍ୟାନ ଉଦ୍ଧାର କରିଛି ପୋଲିସ। ମାଓବାଦୀଙ୍କ କାର୍ଯ୍ୟକଳାପ ପୁନର୍ବାର ଏହି ଅଞ୍ଚଳରେ ବୃଦ୍ଧି ପାଇଥିବା ଯୋଗୁ ମାଓବାଦୀଙ୍କୁ କିଭଳି ଦମନ କରାଯିବ ସେ ସମ୍ପର୍କରେ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା। ଅନ୍ୟପକ୍ଷରେ ଏନଆଇଏର ଡିଆଇଜି, ଏସପି, ଅତିରିକ୍ତ ଏସପି ରାଉରକେଲାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ଆଜି ଘଟଣାସ୍ଥଳକୁ ଆସିଛନ୍ତି ଓଡ଼ିଶା ପୋଲିସ ଡିଜି ୱାଇ.ବି ଖୁରାନିଆ। ଲୁଟ୍ ବିସ୍ଫୋରକ ଠାବ କରିବା ପାଇଁ ଆଜି ପୁଣି ଥରେ ଓଡ଼ିଶା ପୋଲିସ ଏବଂ ଡିଭିଏଫ୍ ସିଆରପିଏଫ୍ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି। ଜୋରଦାର ଭାବରେ ବର୍ତ୍ତମାନ ଚାଲିଛି ଅପରେଶନ।

## ଫୁଲ କୋବି ମଞ୍ଚୁରିଆନ୍



ଆବଶ୍ୟକ ସାମଗ୍ରୀ: ଫୁଲ କୋବି, ମଇଦା, କର୍ଣ୍ଣ ଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଲୁଣ, ତେଲ ମଞ୍ଚୁରିଆନ୍ ସସ୍ ପାଇଁ: ସରୁସରୁ ହୋଇ କଟା ହୋଇଥିବା ରସୁଣ, ଅଦା, କଞ୍ଚା ଲଙ୍କା, କ୍ୟାପ୍ସିକମ, ପିଆଜ, ସୋୟା ସସ, ରେଡ୍ ଚିଲି ସସ, ଭିନେଗାର, ଟମାଟୋ ସସ୍, ଚିନି ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: କୋବିକୁ ମଧ୍ୟମ ସାଇଜର ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଏହାକୁ ଗରମ ପାଣିରେ ୫ ମିନିଟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଏହାକୁ ଛାଣି ରଖିଦିଅନ୍ତୁ। ଏବେ ଏକ ପାତ୍ରରେ ମଇଦା, କର୍ଣ୍ଣ ଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ। ଏ ମିଶ୍ରଣ ବହଳିଆ ହେବ। ଏବେ ଏଥିରେ କୋବି ଖଣ୍ଡଗୁଡ଼ିକୁ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଚୁଲିରେ ପ୍ୟାନ ବସାଇ ମଧ୍ୟମ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ କୋବି ଖଣ୍ଡ ଗୁଡିକୁ ପକାଇ ସୁନେଲି ରଙ୍ଗ ହେବ ଯାଏ ଅପେକ୍ଷା କରନ୍ତୁ ଓ ପରେ ଛାଣି ଆଣନ୍ତୁ। ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ଏଥିରେ କଟା ଅଦା, ରସୁଣ ଓ ଲଙ୍କା ପକାଇ ୧ ରୁ ୨ ମିନିଟ ଯାଏ ଭାଜନ୍ତୁ । ବେଶୀ ଭଜିବେ ନାହିଁ। ନଚେତ ମଞ୍ଚୁରିଆନ୍ ପିତା ଲାଗି ପରେ। ଏବେ ଥିରେ ସରୁ ସରୁ ହୋଇ ହୋଇଥିବା ପିଆଜ ଓ କ୍ୟାପ୍ସିକମ୍ ପକାଇ ୧ରୁ ୨ ମିନିଟ ଯାଏ ଭାଜନ୍ତୁ। ପରେ ସେଥିରେ ସୋୟା ସସ୍ ପକାଇ ହାଲକା ଭାଜନ୍ତୁ। ଏଥିରେ ରେଡ୍ ଚିଲି ସସ, ଟମାଟୋ ସସ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ କିଛି ପାଣି ଦେଇ ଭଲଭାବେ ଗୋଳାନ୍ତୁ । ଏଥିରେ ଗୋଲ ମରିଚ ଗୁଣ୍ଡ ପକାନ୍ତୁ। ସସ ବହଳିଆ ହେବା ଯାଏ ମଧ୍ୟମ ଆଞ୍ଚରେ ରାନ୍ଧନ୍ତୁ। ପରେ ଆଞ୍ଚ ବନ୍ଦ କରି ସସର ସ୍ୱାଦ ଚାଖନ୍ତୁ। ଆବଶ୍ୟକ ପଡିଲେ ନିଜ ସ୍ୱାଦ ଅନୁସାରେ ଲୁଣ ଦେଇ ପାରନ୍ତିୟ ସସକୁ ୨ ରୁ ୩ ମିନିଟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଭଜା ହୋଇ ରଖିଥିବ କୋବି ଖଣ୍ଡକୁ ପକାଇ ଭଲଭାବରେ ଗୋଳାନ୍ତୁ। ଏବେ ଏହାକୁ ପ୍ଲେଟକୁ କାଢି ଭାତ କିମ୍ବା ରୁଟି ସହ ପରଷନ୍ତୁ।

**ଖବର**

# ରଜ ଉପଲକ୍ଷେ ରିଲିଜ ହେବ 'ଫାଷ୍ଟ ଲଭ୍'




ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ଜ଼ୀ ସାର୍ଥକ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରେଞ୍ଜ ରୟାଲ ସିନେ ଲାବ୍ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହି ଚଳଚିତ୍ର ବିଷୟରେ ଓଲିଉଡ୍ର ଅନ୍ୟତମ ଆଗଧାଡିର ପ୍ରଯୋଜକ ଶ୍ରୀଧର ମାର୍ଥା କହନ୍ତି, ''ମୁଁ ଯେ କୌଣସି ସିନେମା ନିର୍ମାଣ କରିବା ପୂର୍ବରୁ କାହାଣୀକୁ ଭଲ ଭାବରେ ତର୍ଜମା କରିଥାଏ। 'ଫାଷ୍ଟ ଲଭ୍'ର କାହାଣୀରେ ଦର୍ଶକ ନିଶ୍ଚିନ୍ତ ଡିଫରେ□ ଫର୍ମ ପାଇବେଆସନ୍ତା ମାସ ୬ ତାରିଖରେ ଫିଲ୍ମଟି ରିଲିଜ ହେବ।' ଏହାର ଗୀତଗୁଡିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍ସ ଏବଂ ସରୋଜ। ଗୀତଗୁଡିକରେ ସ୍ୱର ଦେଇଛନ୍ତି ବଲିଉଡ ଓ ଓଲିଉଡ୍ର ସୁନାମଧନ୍ୟ ସିଙ୍ଗର ଜାଭେଦ ଅଲି, ହ୍ୟୁମାନ ସାଗର, ଅସୀମ ପଣ୍ଡା, ଅନ୍ତରା ଚକ୍ରବର୍ତୀ, ଗୌରବ ଆନନ୍ଦ ଓ କୁଲଦୀପ ପଟ୍ଟନାୟକ । କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ । ଚିତ୍ରଟିର ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟା ବ୍ୟତୀତ ଏହାର କାଷ୍ଟିଙ୍ଗରେ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତିୟ ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନ ରଖାଯାଇ ଓଡିଶାର ଏକ ଅନନ୍ୟ ପର୍ବ ରଜ ଉପଲକ୍ଷେ ଏକ ନୂଆ ସ୍ୱାଦର ନିଆରା ପ୍ରେମ କାହାଣୀକୁ ନେଇ 'ଫାଷ୍ଟ ଲଭ୍' ଚଳଚିତ୍ର ନିର୍ମାଣ କରାଯାଇଛି ବୋଲି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ କହିଛନ୍ତି ଯାହା ଦର୍ଶକଙ୍କ ମନକୁ ଛୁଇଁବା ସହ ଭରପୁର ମନୋରଞ୍ଜନ ଯୋଗାଇବ ।

## ବାସ୍ତୁ ଶାସ୍ତ୍ରରେ ଝାଡୁର ସ୍ଥିତି



ଆମ ଦୈନନ୍ଦିନ ଜୀବନରେ ଝାଡୁର ଗୁରୁତ୍ୱ ରହିଛି। ଝାଡୁ ସାହାଯ୍ୟରେ ଆମେ ଘରକୁ ସ୍ୱଚ୍ଛ ରଖିଥାଉ। ଏହା ବ୍ୟତୀତ ଆମ ଓଡିଆ ଘରର ବିଶ୍ୱାସ ବାହାରର ନକାରାତ୍ମକ ଶକ୍ତିକୁ ଘର ଭିତରକୁ ପୁରାଇ ଦେଇ ନ ଥାଏ ଝାଡୁ। ତେଣୁ ପୂର୍ବ କାଳରେ ଛୋଟ ଛୁଆ ଡରିବେ ବୋଲି ଅନେକ ଝାଡୁ କେନା ଛିଡାଇ ପିଲାଙ୍କ ବେକରେ ବାନ୍ଧି ଥାନ୍ତି। ଏହା ବ୍ୟତୀତ, ଗାଁ ଗହଳିରେ ପୂର୍ବରୁ ବାହାରେ ଶୌଚ କାର୍ଯ୍ୟ କରିବାକୁ ହେଉଥିଲା। ବିଶ୍ୱାସ ଥିଲା ପ୍ରସବ ପରେ ପ୍ରସୂତିର ଶରୀର ଦୁର୍ବଳ ଥିବାରୁ ଶୌଚ ପାଇଁ ଯାଇଥିବା ବେଳେ ତାର ଶରୀରରେ ଆତ୍ମା ପ୍ରବେଶ କରିବା ସହଜ ହୋଇଥାଏ। ତେଣୁ ବାହାରୁ ଆସିବା ପରେ ସେମାନେ ଝାଡୁରେ ନିଜକୁ ଝାଡି ସେହି ଆତ୍ମାଙ୍କୁ ଛଡାଉଥିଲେ। ଠିକ୍ ସେହିପରି ଏହା ବାସ୍ତୁ ଦୋଷ ଦୂର କରିଥାଏ। ତେବେ ଏହାକୁ ସଠିକ୍ ଭାବେ ବ୍ୟବହାର ନ କଲେ ବା ସଠିକ୍ ସ୍ଥାନରେ ନ ରଖିଲେ ଘରେ ବାସ୍ତୁ ଜନିତ ସମସ୍ୟା ଦେଖାଯାଏ। ଆସନ୍ତୁ ସେ ସମ୍ପର୍କରେ ଜାଣିବା

♦ ଝାଡୁର ବ୍ୟବହାର ଠିକ୍ ଭାବରେ ନକଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଏଥିପାଇଁ ସନ୍ଧ୍ୟା ପରେ ଘର ଝାଡୁ କରିବା ପାଇଁ ମନା କରାଯାଇଥାଏ। ଏହି ସମୟରେ ଝାଡୁ କଲେ ମା' ଲକ୍ଷ୍ମୀଙ୍କର କୃପାଦୃଷ୍ଟି ଘର ଉପରେ ପଡିଥାଏ। ଏପରିକି ଯେତେ ଅର୍ଥ ଉପାର୍ଜନ କଲେ ଅଭାବ ହୋଇଥାଏ।

♦ ଝାଡୁକୁ କେବେ ହେଲେ ଘରର ମୁଖ୍ୟଦ୍ୱାର ପାଖରେ ରଖନ୍ତୁ ନାହିଁ। ଏହାଦ୍ୱାରା ଘରୁ ସୁଖଶାନ୍ତି ହ୍ରାସ ହୋଇଥାଏ ଓ କଳହ ବୃଦ୍ଧି ହୋଇଥାଏ।

♦ ଝାଡୁରେ କେବେ ହେଲେ କୌଣସି ପଶୁପକ୍ଷୀଙ୍କୁ ମାରନ୍ତୁ ନାହିଁ। ସେହିପରି ଝାଡୁରେ ପାଦ ରଖନ୍ତୁ ନାହିଁ।

## ଲୁଣ ସହ ଜଡିତ ଏହି ଉପାୟ; ସୌଭାଗ୍ୟରେ ବଦଳିବ ଦୁର୍ଭାଗ୍ୟ



ଅନେକ ଥର ବାରମ୍ବାର ଚେଷ୍ଟା କରିବା ସ□ତ୍ତ୍ୱ ସଫଳତା ମିଳିପାରିନଥାଏ। ଟଙ୍କା ସଞ୍ଚୟ ହୋଇ ପାରିନଥାଏ। ଲୁଣ ବିନା ଖାଦ୍ୟ ସ୍ୱାଦହୀନ। ମାତ୍ର କେବଳ ଖାଦ୍ୟ ପ୍ରସ୍ତୁତି ପାଇଁ ନୁହେଁ ବରଂ ବାସ୍ତୁ ଶାସ୍ତ୍ରରେ ଲୁଣ ସହ ଜଡିତ ଅନେକ ଉପାୟ ମଧ୍ୟ ବର୍ଣ୍ଣନା କରାଯାଇଛି। ଲୁଣ ସହ ଜଡିତ ଅନେକ ଉପାୟ ବର୍ଣ୍ଣନା କରାଯିବା ସହ ଏହାର ପାଳନ କରିବା ଦ୍ୱାରା ଜୀବନରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ।

ପାଣିରେ ଲୁଣ ପକାଇ ଘର ପୋଛା ମାରିବା ଦ୍ୱାରା ଘରୁ ନକରାତ୍ମକ ଶକ୍ତିଦୂର ହୋଇଥାଏ। ଘରେ କଳହ ହୋଇନଥାଏୟ ସଫଳତା ପାଇବାକୁ ଇଚ୍ଛା ଥିଲେ, ପାଣିରେ ଲୁଣ ପକାଇ ନିଶ୍ଚୟ ପୋଛନ୍ତୁ। ଏହାଦ୍ୱାରା ଦୁର୍ଭାଗ୍ୟ ଦୂର ହୋଇଥାଏ।

ଘରେ ଅଧିକ ଦିନ ଯାଏଁ ପରିବାର ସଦସ୍ୟଙ୍କ ରୋଗ ଲାଗି ରହୁଥିଲେ। ସେହି ବ୍ୟକ୍ତିଙ୍କ ବିଛଣା ତଳେ ଏକ କାଚ ବୋତଲରେ ପାଣିରେ ଲୁଣ ପକାଇ ରଖନ୍ତୁ।

ଲୁଣ ଡବାରେ ଏକ ଲବଙ୍ଗ ପକାଇ ରଖନ୍ତୁ। ଏହି ଉପାୟକୁ ଆପଣାଇବା ଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ। ଆର୍ଥିକ ସମସ୍ୟା ମଧ୍ୟ ଦୂର ହୋଇଥାଏ।

ସ୍ନାନ କରିବା ସମୟରେ ସାମାନ୍ୟ ଲୁଣ ପାଣିରେ ପକାଇ ସ୍ନାନ କରିବା ଦ୍ୱାରା ଆଳସ୍ୟ ଦୂର ହୋଇଥାଏ। ସତେଜ ଅନୁଭବ ହେବା ସହ କାର୍ଯ୍ୟ କରିବାକୁ ଆଗ୍ରହ ହୋଇଥାଏ।

ପତି-ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲେ,ଘରେ ଅଶାନ୍ତି ଲାଗି ରହୁଥିଲେ ଏକ କାଚପାତ୍ର କିମ୍ବା ଗ୍ଲାସରେ ଲୁଣ ରଖି ଏହାକୁ ଶୟନ କକ୍ଷରେ ରଖନ୍ତ। ଏହାଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହୋଇନଥାଏ।



# ଶରୀରରେ ରକ୍ତ ଅଭାବକୁ ଦୂର କରେ କିସମିସ୍



ଶରୀରରେ ହେମୋଗ୍ଲୋବିନର ପରିମାଣ କମ୍ ହେଲେ, ବ୍ୟକ୍ତିକୁ ଅନେକ ରୋଗ ଘେରି ରହିଥାଏ। କିଡନୀ ସହିତ ଜଡିତ ଅଧିକାଂଶ ରୋଗ ରକ୍ତ ଅଭାବରୁ ହୋଇଥାଏ। ଯଦି ଆପଣଙ୍କ ଶରୀରରେ ମଧ ରକ୍ତ ଅଭାବ ଥାଏ, ତେବେ ରକ୍ତ ବଢାଇବା ପାଇଁ ଆପଣ କେବଳ ଔଷଧ ବ୍ୟବହାର କରିବା ଜରୁରୀ ନୁହେଁ । ଆପଣ କିଛି ଘରୋଇ ଉପଚାରକୁ ଆପଣେଇ ଶରୀରରେ ହେମୋଗ୍ଲୋବିନର ଅଭାବକୁ ମଧ ସଂପୂର୍ଣ୍ଣ କରିପାରିବେ। ଏପରି ଏକ ପ୍ରଭାବଶାଳୀ ଉପଚାର ହେଉଛି ଭିଜା ହୋଇଥିବା କିସମିସ୍। ଭିଜା ହୋଇଥିବା କିସମିସରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର ଭରପୂର ମାତ୍ରାରେ ଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ ଏବଂ ରକ୍ତହୀନତା ଦୂର ହୋଇଥାଏ। ଏଥିପାଇଁ ଆପଣ ପ୍ରତିଦିନ ରାତିରେ ୫୦ ଗ୍ରାମ କିସମିସକୁ ଭିଜାଇ ଦିଅନ୍ତୁ। ସକାଳେ ଉଠିବା ପରେ ପ୍ରଥମେ କିସମିସ୍ ପାଣି ପିଅନ୍ତୁ ଏବଂ ପରେ କିସମିସ୍ ଖାଆନ୍ତୁ। ଭିଜାଇଥିବା କିସମିସ୍ ସହିତ ଏହାର ଜଳ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଲାଭଦାୟକ ହୋଇଥାଏ।

**ଭିଜା ହୋଇଥିବା କିସମିସ୍ ଖାଇବାର ଫାଇଦା :**

(୧): ଭିଜା ହୋଇଥିବା କିସମିସ୍ ଫାଇବରରେ ଭରପୂର ହୋଇଥାଏ, ଏହାକୁ ନିୟମିତ ଖାଇବା ଦ୍ୱାରା ହଜମ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

(୨): ଭିଜା ହୋଇଥିବା କିସମିସ୍ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏହା ଜୀବାଣୁ ଏବଂ ସଂକ୍ରମଣ ସହିତ ଲଢିବାରେ ମଧ ସାହାଯ୍ୟ କରିଥାଏ।

(୩): ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ ରଖିବା ପାଇଁ କ୍ୟାଲସିୟମ ଆବଶ୍ୟକ। ତେଣୁ କିସମିସ୍ ଦାନ୍ତ ଏବଂ ହାଡ ପାଇଁ ମଧ ଖାଇପାରିବେ। ୧୦୦ ଗ୍ରାମ୍ କିସମିସ୍ ଭିତରେ ପ୍ରାୟ ୫୦ ମିଗ୍ରା କ୍ୟାଲସିୟମ୍ ଥାଏ। ଯାହା ଆପଣଙ୍କ ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ କରିବା ପାଇଁ କାମ କରେ।

(୪): କିସମିସ୍ ଖାଇବା ଦ୍ୱାରା ପାଟିରୁ ଆସୁଥିବା ଗନ୍ଧ ମଧ ଦୂର ହୋଇଥାଏ।

(୪): ଯଦି ଆପଣଙ୍କର ଓଜନ ବୃଦ୍ଧି ହେଉନାହିଁ, ତେବେ ଭିଜାଇଥିବା କିସମିସ୍ ଖାଆନ୍ତୁ। ଏହାକୁ ଖାଇବା ଦ୍ୱାରା ସହଜରେ ଓଜନ ବୃଦ୍ଧି ହୋଇଥାଏ।

## କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ

ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ



ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁ ମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

# ଦୁର୍ବଳ ବର୍ଗର ଲୋକଙ୍କୁ ସହାୟତା ପାଇଁ ଯୋଜନା କରନ୍ତୁ



**ଭୁବନେଶ୍ୱର,୨୯।୫ (ମହାଭାରତ):** ସମାଜର ଗରିବ ଓ ଦୁର୍ବଳ ବର୍ଗର ଲୋକମାନଙ୍କୁ ସହାୟତା କରିବା ପାଇଁ ଅଧିକାରୀମାନେ ସମସ୍ତ ଉନ୍ନୟନ ଓ କଲ୍ୟାଣକାରୀ ଯୋଜନା ସଂପର୍କରେ ଭଲଭାବରେ ଜାଣନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନରେ ତାଲିମ ନେଉଥିବା ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ କହିଥିଲେ ଯେ ଅଧିକାରୀମାନେ କେବଳ ସେମାନଙ୍କ ବିଭାଗ ସହ ଜଡ଼ିତ ଯୋଜନା ମଧ୍ୟରେ ନିଜକୁ ସୀମିତ ରଖିବା ଉଚିତ୍ ନୁହେଁ। ସମସ୍ତ ଯୋଜନା ସଂପର୍କରେ ବିଶଦଭାବେ ଜାଣିଥିଲେ ଜନ ସାଧାରଣଙ୍କୁ ଅବଗତ କରାଯାଇ ପାରିବ ଏବଂ ସେମାନେ ଏହା ଦ୍ୱାରା ବିଶେଷଭାବେ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ରହିଛି, ଯାହା ଶ୍ରମିକ, ମହିଳା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଆଦି ସମସ୍ତ ବର୍ଗ ପାଇଁ ଉଦ୍ଦିଷ୍ଟ। ଏ ସବୁ ଯୋଜନା କିପରି ହିତାଧିକାରୀଙ୍କ ପାଖରେ ପହଂଚିବ ଏବଂ ସେମାନେ କିପରି ଏହାର ସୁଫଳ ପାଇପାରିବେ ତାହାର ଉପଯୁକ୍ତ ତଦାରଖ କରିବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ କହିଥିଲେ। ଗୋପବନ୍ଧୁ ଏକାଡ଼େମୀ ଅଫ୍ ଆଡମିନିଷ୍ଟ୍ରେସନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସମସ୍ତ ଉନ୍ନୟନ ଓ କଲ୍ୟାଣମୂଳକ ଯୋଜନାଗୁଡ଼ିକୁ ସଂକଳନ ପୂର୍ବକ ବୁକ୍‌ଲେଟ୍ ପ୍ରସ୍ତୁତ କରି ଶିକ୍ଷାନବୀଶମାନଙ୍କୁ ବିତରଣ କରିବାକୁ ରାଜ୍ୟପାଳ କହିଥିଲେ।

ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କହିଥିଲେ ଯେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁଙ୍କ କଲ୍ୟାଣ ପାଇଁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରବୃତି, ଆଇନଗତ ସହାୟତା ପ୍ରଦାନ, କ୍ଷତିପୂରଣ, ଆନ୍ତଃଜାତି ବିବାହ ସହାୟତା ପ୍ରଦାନ, ଅସୁରକ୍ଷିତ ଜନଜାତି ଗୋଷ୍ଠୀ ପାଇଁ ବୀମା ବ୍ୟବସ୍ଥା ଭଳି ସୁବିଧା ପାଇବା ନିଶ୍ଚିତ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଶ୍ରମ ଅଧିକାରୀଙ୍କୁ ସମ୍ବୋଧିତ କରି ରାଜ୍ୟପାଳ ସେମାନଙ୍କୁ ଶ୍ରମିକଙ୍କ ଅଧିକାରର ରକ୍ଷକଭାବେ ଅଭିହିତ କରିଥିଲେ। ଶ୍ରମ ଆଇନ୍‌ର ପାଳନ, ଶ୍ରମିକମାନଙ୍କୁ ନ୍ୟାୟୋଚିତ ମଜୁରୀ ପ୍ରଦାନ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାକୁ ନିଶ୍ଚିତ କରାଇବା, ଅସଂଗଠିତ କ୍ଷେତ୍ରରେ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ତଥା ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ସେମାନେ କ୍ରିୟାଶୀଳ ଭୂମିକା ନିଭାଇବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ୬୩ ଜଣ ସହକାରୀ ଶ୍ରମ ଅଧିକାରୀ ଏବଂ ୨୭ ଜଣ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଯୋଗଦେଇଥିଲେ ଏବଂ ରାଜ୍ୟପାଳ ପ୍ରତ୍ୟେକ ଅଧିକାରୀଙ୍କ ସହ ବ୍ୟକ୍ତିଗତ ଭାବେ ଭାବ ବିନିମୟ କରିଥିଲେ।

# ଖରିଫ୍ ଫସଲ ପାଇଁ ରଣନୀତି

**ଭୁବନେଶ୍ୱର,୨୯।୫ (ମହାଭାରତ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଖରିଫ୍ ୨୦୨୫ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ସମୃଦ୍ଧ କୃଷକ ହେଲ୍ପଲାଇନ ଯୋଗେ ନିୟମିତ ଭାବେ ଚାଷୀଙ୍କୁ ସୂଚନା ମଧ୍ୟ ପ୍ରଦାନ କରାଯାଉଛି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ଯାହା ଚାଷୀଙ୍କ ପାଇଁ ବେଶ୍ ସୁହାଇବ। ରିପୋର୍ଟ ଅନୁଯାୟୀ, ଖରିଫ ୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ତନ୍ମଧ୍ୟରେ ୩୫.୯୫ ଲକ୍ଷ ହେକ୍ଟର ଧାନ, ୬.୧୦ ଲକ୍ଷ ହେକ୍ଟର ଡାଲିଜାତୀୟ ଫସଲ, ୨.୨୫ ଲକ୍ଷ ହେକ୍ଟର ତୈଳବୀଜ, ୨.୬୦ ଲକ୍ଷ ମାଣ୍ଡିଆ ଜାତୀୟ ଶସ୍ୟ, ୨.୭୦ ଲକ୍ଷ ହେକ୍ଟର ମକା, ୨.୫୪ ଲକ୍ଷ ହେକ୍ଟର କପା ଓ ଅନ୍ୟାନ୍ୟ ତନ୍ତୁ ଜାତୀୟ ଫସଲ, ୧.୧୫ ଲକ୍ଷ ହେକ୍ଟର ମସଲା, ୫ ଲକ୍ଷ ହେକ୍ଟର ପନିପରିବା ଏବଂ ଅନ୍ୟାନ୍ୟ ଫସଲ ସାମିଲ ରହିଛି। ଖରିଫ ୨୦୨୫ ରେ ପ୍ରମୁଖ-ମଧ୍ୟମ, କ୍ଷୁଦ୍ର, କ୍ଷୁଦ୍ର ଉଠା, ବୃହତ ଉଠ ଜଳସେଚନ ଇତ୍ୟାଦି ସହିତ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲ୍ କରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କ୍ୱିଣ୍ଟାଲ ଉଚ୍ଚଗୁଣବତା ସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିଏକେଏସ ଯୋଗାଇ ଦିଆଯିବ। ବିସ୍ମୃତ ଖାଦ୍ୟଶସ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର, ଦସ୍ତାବିଜକରଣ, ସଂରକ୍ଷଣ, ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା, କୃଷି ଯାନ୍ତ୍ରିକୀକରଣ, ଖରିଫ ଫସଲ ପାଇଁ କ୍ଷେତ୍ର ପ୍ରଦର୍ଶନ, ଫସଲ ସୁରକ୍ଷା ଏବଂ କୀଟନାଶକ ଇତ୍ୟାଦିର ଆୟୋଜନ କରାଯାଇଛି।

# କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର

**ଭୁବନେଶ୍ୱର,୨୯।୫ (ମହାଭାରତ):** ମୋଦି ସରକାରଙ୍କ ୧୧ ବର୍ଷର ଶାସନ ଭିତରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ କ୍ୱିଂଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଓ ଗ୍ରେଡ୍ ଏ ଧାନ ର ମୂଲ୍ୟ ୨୩୮୯ କରାଯିବା ନିଷ୍ପତି ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେହିପରି ଆଜି କେନ୍ଦ୍ରୀୟ କ୍ୟାବିନେଟ ବୈଠକରେ ଚାଷୀଙ୍କ ପାଇଁ ସୁଧ ରିହାତି ବଜାୟ ରଖିବା ପାଇଁ ନିଷ୍ପତି ନିଆଯାଇଛି। ଦେଶରେ ୭.୭୫ କୋଟିରୁ ଅଧିକ ଚାଷୀ କିଷାନ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ ଥିବାବେଳେ ସେମାନଙ୍କୁ ବିନା କୌଣସି ଗ୍ୟାରେଂଟିରେ ମାତ୍ର ୪ପ୍ରତିଶତ ସୁଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହା କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କ ପାଇଁ ଏକ ବଡ ଲାଭ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଆଜି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୭ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଛି। କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର। ଆଜିର ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଓଡ଼ିଶାର ପ୍ରମୁଖ ଫସଲ ଧାନ ହୋଇଥିବାରୁ ଏହାର ଫାଇଦା ଓଡ଼ିଶାର ଚାଷୀମାନେ ଭରପୁର ନେବେ। ଆଜିର ଏହି ନିଷ୍ପତି ଫଳରେ ଧାନର ଏମଏସପି ୬୯ଟଙ୍କା ବୃଦ୍ଧି କରାଯାଇ କ୍ୱିଂଟାଲ ପିଛା ୨୩୬୯ ଟଙ୍କା ଏବଂ "ଏ" ଗ୍ରେଡ ଧାନର ମୂଲ୍ୟ କ୍ୱିଂଟାଲ ପିଛା ୨୩୮୯ ଟଙ୍କା ହୋଇଛି। ସେହିପରି ହରଡ ଡାଲି କ୍ୱିଂଟାଲ ପିଛା ୪୫୦ ଟଙ୍କା ବୃଦ୍ଧି ହୋଇ ୮୦୦୦ ଟଙ୍କା, ମୁଗ କ୍ୱିଂଟାଲ ପିଛା ୮୬ ଟଙ୍କା ବୃଦ୍ଧି ୮୭୬୮ ଟଙ୍କା, ଚିନା ବାଦାମ କ୍ୱିଂଟାଲ ପିଛା ୪୮୦ ଟଙ୍କା ବୃଦ୍ଧି ୭୨୬୩ ଟଙ୍କା, ସୁର୍ଯ୍ୟମୁଖୀ ବୀଜ ଏମଏସପିରେ ୪୪୧ ଟଙ୍କା ବୃଦ୍ଧି କରାଯାଇ ୭୭୨୧ ଟଙ୍କା, ଜୱାର (ହାଇବ୍ରିଡ୍) କ୍ୱିଂଟାଲ ପିଛା ୩୨୮ ଟଙ୍କା ବୃଦ୍ଧି ହୋଇ ୩୬୯୯ ଟଙ୍କା, ଜୱାର (ମାଲଦାଣ୍ଡି) କ୍ୱିଂଟାଲ ପିଛା ୩୨୮ ଟଙ୍କା ବୃଦ୍ଧି ହୋଇ ୩୭୪୯ ଟଙ୍କା, ବାଜରା କ୍ୱିଂଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ୨୭୭୫ ଟଙ୍କା, ରାଗୀ କ୍ୱିଂଟାଲ ପିଛା ୫୯୬ ଟଙ୍କା ବୃଦ୍ଧି ୪୮୮୬ ଟଙ୍କା, ମକା କ୍ୱିଂଟାଲ ପିଛା ୧୭୫ ଟଙ୍କା ବୃଦ୍ଧି ୨୪୦୦ ଟଙ୍କା, ସୋୟାବିନ କ୍ଷେତ୍ରରେ ୪୩୬ ଟଙ୍କା ବୃଦ୍ଧି କରାଯାଇ ୫୩୨୮ ଟଙ୍କା, ରାଶି କ୍ଷେତ୍ରରେ ୫୭୯ ଟଙ୍କା ବୃଦ୍ଧି କରାଯାଇ ୯୮୪୬ ଟଙ୍କା, ନାଇଜରସିଡ କ୍ଷେତ୍ରରେ ୮୨୦ଟଙ୍କା ବୃଦ୍ଧି କରାଯାଇ ୯୫୩୭ ଟଙ୍କା, ମଧ୍ୟମ ଆକାର କପାର ଏମଏସପି ୫୮୯ ଟଙ୍କା ବୃଦ୍ଧି କରାଯାଇ ୭୭୧୦ ଏବଂ ଲମ୍ବା କପାର ଏମଏସପି ୫୮୯ ଟଙ୍କା ବୃଦ୍ଧି କରାଯାଇ ୮୧୧୦ ଟଙ୍କା କରାଯାଇଛି। ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ପାଇଁ ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

# ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ ପାଇଁ ବୁଝାମଣା

**ଭୁବନେଶ୍ୱର,୨୯।୫ (ମହାଭାରତ):** ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃପରିଭାଷିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ଅଙ୍କୁର - ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ କରିଛି। ଏହା ରାଜ୍ୟ ସାରା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢି ତୋଳିବା ପାଇଁ ଏକ ରଣନୈତିକ ପଦକ୍ଷେପ। ଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ଏବଂ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ଛଅଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଡକ୍ଟର ମହାପାତ୍ର କହିଥିଲେ ଯେ "ଅଙ୍କୁର" ଏକ ସାମୂହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ - ଦକ୍ଷ, ସ୍ମାର୍ଟ ଏବଂ ସର୍ବୋପରି ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ କରିବା। ଏହା ବିକଶିତ ଓଡ଼ିଶା ଆଡ଼କୁ ଏକ ଆନ୍ଦୋଳନ, ଯାହା ସମ୍ପ୍ରଦାୟ, ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସହଭାଗୀ। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ସ୍ୱାଗତ ଭାଷଣରେ ଆଜି ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଅଙ୍କୁରର ଉପତ୍ତି ଗୋଟିଏ ମୁହୂର୍ତ୍ତ ନୁହେଁ, ବରଂ ପ୍ରତିଫଳନ, ଆଲୋଚନା ଏବଂ ସହଯୋଗର ଏକ ଶୃଙ୍ଖଳା ଥିଲା। ଏହା ଆମ ବିଭାଗ ମଧ୍ୟରେ ଏକ ବର୍ଦ୍ଧିତ ଅନୁଭବରୁ ଜନ୍ମ ନେଇଛି - ଯେ ଓଡ଼ିଶାରେ ସହରୀକରଣର ଗତି ଏବଂ ଜଟିଳତା ପାଇଁ ନୂତନ ଚିନ୍ତାଧାରା, ନୂତନ ସହଭାଗୀତା ଏବଂ ନୂତନ ପ୍ଲାଟଫର୍ମ ଆବଶ୍ୟକ। ଗତ ବର୍ଷ ଧରି, ଦେଶ ଏବଂ ବାହାରର ବିଶେଷଜ୍ଞ, ଅଭ୍ୟାସକାରୀ ଏବଂ ସଂସ୍ଥା ସହିତ ଆଭ୍ୟନ୍ତରୀଣ ପରାମର୍ଶ ଏବଂ ସମ୍ପର୍କ ମାଧ୍ୟମରେ, ଏକ ଦୃଷ୍ଟିକୋଣ ରୂପ ନେବା ଆରମ୍ଭ କରିଛି। ଅଙ୍କୁର ସେହି ପ୍ରଶ୍ନଗୁଡ଼ିକର ଉତର ଭାବରେ ଉଭା ହୋଇଛି - ସମାଧାନ ସହ-ସୃଷ୍ଟି କରିବା, ନବସୃଜନକୁ ପ୍ରତିଷ୍ଠା କରିବା ଏବଂ ଆଗାମୀ ଦଶନ୍ଧିର ସହରାଞ୍ଚଳ ବିକାଶରେ ଆମକୁ ନେଇପାରିବା ସହଭାଗୀତାକୁ ବଜାୟ ରଖିବା ପାଇଁ ଏକ ପ୍ଲାଟଫର୍ମ। ଓଡ଼ିଶାର ସହରାଞ୍ଚଳ ସଂସ୍କାର ଏଜେଣ୍ଡାର ସ୍ନାୟୁ କେନ୍ଦ୍ର ହେବାକୁ ପ୍ରସ୍ତୁତ। ବିକେନ୍ଦ୍ରୀକରଣ, ଅନ୍ତର୍ଭୁକ୍ତି ଏବଂ ଜ୍ଞାନ-ନେତୃତ୍ୱାଧୀନ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ସହିତ, ଏହି ପଦକ୍ଷେପ ସହରାଞ୍ଚଳ ସହଭାଗୀତାର ଏକ ନୂତନ ଯୁଗକୁ ପ୍ରୋତ୍ସାହିତ କରିବ।




# ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ଡକ୍ଟରେଟ୍

**ଭୁବନେଶ୍ୱର,୨୯।୫ (ମହାଭାରତ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅରୁଣାଚଳ ପ୍ରଦେଶର ଇଟାନଗରସ୍ଥିତ ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବରେ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୭ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ହିମାଳୟାନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନଜନକ ଡକ୍ଟର ଅଫ୍ ଲେଟରସ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ଅରୁଣାଚଳ ପ୍ରଦେଶର ଶିକ୍ଷା, ଗ୍ରାମୀଣ ନିର୍ମାଣ, ସଂସଦୀୟ ବ୍ୟାପାର, ପର୍ଯ୍ୟଟନ ଏବଂ ପାଠାଗାର ବିଭାଗ ମନ୍ତ୍ରୀ ପାସାଙ୍ଗ ଦୋର୍ଜୀ ସୋନା ଉପସ୍ଥିତ ଥିଲେ।




# ସରକାରଙ୍କ ଉନ୍ନୟନ ଯୋଜନାର ସମୀକ୍ଷା

**ଭୁବନେଶ୍ୱର,୨୯।୫ (ମହାଭାରତ):** ବୁଧବାର ଓଡ଼ିଶାର ସମନ୍ୱୟ, ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ (ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ) ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଉନ୍ନୟନ ଅଗ୍ରଣୀ ଯୋଜନା ଗୁଡିକ ର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ପଦସ୍ତ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଛନ୍ତି।

ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଳ ରାଣା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପିତାମ୍ବର ସାମଲ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ମନ୍ତ୍ରୀ, ବିଧାୟକଙ୍କୁ ସ୍ୱାଗତ କରିବାସହ ସମସ୍ତ ଅଧିକାରୀ ନିଜ ନିଜ ବିଭାଗର ବିଭିନ୍ନ ଉନ୍ନୟନ ଯୋଜନା ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ସମ୍ବନ୍ଧରେ ମାନ୍ୟବର ମନ୍ତ୍ରୀଙ୍କୁ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ସୁନାରାମ ହେମ୍ବ୍ରମ୍, ଅତିରିକ୍ତ ଉପ ପୁଲିସ ଆୟୁକ୍ତ, ଭୁବନେଶ୍ୱର ପୁଲିସ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି, ଭିଭିଆଇପି ପ୍ରୋଗ୍ରାମ, ଭିଆଇପି ପ୍ରୋଗ୍ରାମ ସମ୍ବନ୍ଧରେ ପ୍ରଭାରୀ ମନ୍ତ୍ରୀଙ୍କୁ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ୨୦୨୫ ବର୍ଷରେ ୨୦୨୩,୨୦୨୪ ବର୍ଷ ଅପେକ୍ଷା କମ କେସ ୪୩୭୧ ପଞ୍ଜୀକୃତ ହୋଇଥିବା ପ୍ରକାଶ କରିଥିଲେ। ସେହିପରି ଭିଭିଆଇପି ପ୍ରୋଗ୍ରାମ ୯ ଗୋଟି ଅନୁଷ୍ଠିତ ହୋଇଥିବାବେଳେ ଭିଆଇପି ପ୍ରୋଗ୍ରାମ ୨୯୮ ଗୋଟି ଅନୁଷ୍ଠିତ ହୋଇଛି। ଏଥିସହ ଖଣ୍ଡଗିରି ମାଘ ସପ୍ତମୀ ମେଳା, ଅଶୋକାଷ୍ଟମୀ, ଦୋଳ ପୂର୍ଣ୍ଣିମା, ରାମ ନବମୀ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି,ମହାଶିବରାତ୍ରି ଆଦି ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀରେ ସଫଳ ଭାବେ ଆଇନଶୃଙ୍ଖଳା ସେବା ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ଖୋର୍ଦ୍ଧା ପୁଲିସ ଉପଖଣ୍ଡରେ ଖୋର୍ଦ୍ଧା ମଡେଲ ପୁଲିସ ଷ୍ଟେସନ,ଖୋରଧା ଶିଳ୍ପାଂଚଳ ଥାନା, ସଦର ଥାନା, ବାଘମାରି ଥାନା, ବେଗୁନିଆ ଥାନା, ଜଙ୍କିଆ ଥାନା ଏବଂ ବାଲୁଗାଁ ପୁଲିସ ଉପଖଣ୍ଡର ନିରାକାରପୂର୍ ଥାନା, ଟାଙ୍ଗୀ ଥାନା, ନାଚୁଣୀ ଥାନା, ବାଲୁଗାଁ ଥାନା,ଓ ବାଣପୁର ଥାନାର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ଉପସ୍ଥାପନ କରିଥିଲେ।

ବିଗତ ୨୦୨୩,୨୦୨୪ ବର୍ଷ ଅପେକ୍ଷା ଚଳିତବର୍ଷ ୧୬୩୨ କେସ ପଞ୍ଜୀକୃତ ହୋଇଥିବା ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ। ପରେ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ ଯୋଗ ଦେଇ କହିଲେ ଖୋର୍ଦ୍ଧା ବନଖଣ୍ଡ ରେ ପ୍ରାୟ ୬୦/୭୦ ହାତୀ ଅଛନ୍ତି। ୨୦୨୪-୨ ୦୨୫ବର୍ଷରେ ୩୮୬୬ କ୍ଷତିଗ୍ରସ୍ତ ଦରଖାସ୍ତ ଆସିଥିବାବେଳେ ସହାୟତା ରାଶି ବାବଦକୁ ୨୦୯୨୨୩୯୦ଟଙ୍କା ଦିଆଯାଇଛି। ବର୍ତ୍ତମାନ ଡ୍ରୋନ ଦ୍ୱାରା ହାତୀର ସ୍ଥିତି ଜାଣି ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପ୍ରକଳ୍ପ ଅଗ୍ରଗତି ୭୦.୯୪ -/- ଥିବାବେଳେ ଅନ୍ତୋଦ୍ୟ ଗୃହ ଯୋଜନା ୨୦୨୪-୨ ୫ବର୍ଷରେ ୧୭୫୭ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୧୪୬୦ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ଅମୃତ ସରୋବର ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୫୭୦ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫୮୩ ଗୋଟି ଚିହ୍ନଟ କରାଯାଇଛି। ଲକ୍ଷ ପତି ଦିଦି ଯୋଜନାରେ ୫୪୭୯୨ ଜଣଙ୍କୁ ସାମିଲ କରାଯାଇ ୯୪.୪୨ଶତକଡା ସଫଳତା ମିଳିଛି। ଏସଏସଜି ବ୍ୟାଙ୍କ ସଂଯୋଗରେ ୯୮ଶତକଡା ସଫଳତା, ପ୍ରଧାନମନ୍ତ୍ରୀ (ସହରାଂଚଳ)୧.୦ ଯୋଜନାରେ ୧୫୦୬ଗୃହ ନିର୍ମାଣଧୀନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ (ସହରାଂଚଳ)୨.୦ରେ୧୬୫ ଗୋଟି ପ୍ରକଳ୍ପ ରିପୋର୍ଟ ଦାଖଲ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଆରୋଗ୍ୟ ଯୋଜନା, ବୟୋବନ୍ଦନା ଯୋଜନା ୭୮୯୩୧୧ କାର୍ଡ ପ୍ରାପ୍ତ ହୋଇଥିବା ବେଳେ ୫୩୬୨୬୫ହିତାଧିକାରୀଙ୍କୁ କାର୍ଡ ବଂଟାଯାଇ ଶତକଡା ୬୮ ପ୍ରତିଶତ ସଫଳତା ମିଳିଛି। ଜିଲ୍ଲାରେ ଡାକ୍ତର ମଞ୍ଜୁରୀ ପଦବୀ ୫୧୬ ଥିବାବେଳେ ୨୬୬ ଡାକ୍ତର ସେବାରତ୍ତ ଅଛନ୍ତି ଏବଂ ୨୫୦ ପଦବୀ ଖାଲି ଅଛି ଓ ୭୪ ଡାକ୍ତର ସ୍ନାତାକୋତର ପଢ଼ିବା ପାଇଁ ଯାଇଛନ୍ତି। ଉପନିବନ୍ଧ , ସମବାୟ ସମିତି , ଅଳକାନନ୍ଦ ଜେନା ଖରିପ୍ ୨୦୨୪,୨୦୨୫ ବର୍ଷରେ ଚାଷୀଙ୍କୁ ଋଣ ପ୍ରଦାନରେ ୯୯ଶତକଡା ସଫଳତା ମିଳିଛି।




# ଶୁଆକାଟୀ ପଞ୍ଚାୟତକୁ ଜାତୀୟ ପୁରସ୍କାର

**ଭୁବନେଶ୍ୱର,୨୯।୫ (ମହାଭାରତ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଶୁଆକାଟୀ ଗ୍ରାମ ପଂଚାୟତ ୨୨ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ୨୦୨୫ରେ ଏକ ମର୍ଯ୍ୟାଦାଜନକ ଜୁରି ପୁରସ୍କାର ଜିତି ଓଡ଼ିଶା ଏବଂ କେନ୍ଦୁଝର ପାଇଁ ସୁନାମ ଆଣି ଦେଇଛି । ଚଳିତ ବର୍ଷ ପ୍ରଥମଥର ପାଇଁ ଗ୍ରାମ ପଞ୍ଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହା ଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ଏକ ବିରଳ ସଫଳତା ହାସଲ କରିପାରିଛି । ଏହି ସମ୍ମାନ ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିଥିବା ପଦକ୍ଷେପଗୁଡ଼ିକକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ। ଏହି ସମ୍ମାନରେ ଶୁଆକାଟି ସମେତ ଗୁଜରାଟର ପଲସାନା ଗ୍ରାମପଞ୍ଚାୟତ ଏବଂ ଉତ୍ତର ପ୍ରଦେଶର ଲଳିତପୁର ପୌର ପରିଷଦ ପୁରସ୍କାର ଜିଣିଛନ୍ତି। ଏହି ବର୍ଷ ପୂର୍ବରୁ ଗ୍ରାମପଂଚାୟତଗୁଡ଼ିକୁ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇ ନ ଥିଲା । କିନ୍ତୁ ଚଳିତ ବର୍ଷ ତୃଣମୂଳ ସ୍ତରରେ ଡିଜିଟାଲ୍ ସଶକ୍ତିକରଣ ଉପରେ ବୃଦ୍ଧି ପାଉଥିବା ଗୁରୁତ୍ୱକୁ ମାନ୍ୟତା ଦେବା ଲାଗି ଏହି ପୁରସ୍କାର ଅନ୍ତର୍ଭୁକ୍ତ କରାଯାଇଛି । ଦେଶର ସରକାରୀ ଏଜେନ୍ସି ଏବଂ ପ୍ରତିଷ୍ଠାନଗୁଡ଼ିକରେ ଡିଜିଟାଲ୍ ଶାସନରେ ଉତ୍କର୍ଷକୁ ସ୍ୱୀକୃତି ଏବଂ ପ୍ରୋତ୍ସାହିତ କରିବା ପାଇଁ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ଦ୍ୱାରା ଇ-ଗଭର୍ଣ୍ଣାନ୍ସ ପାଇଁ ବାର୍ଷିକ ଜାତୀୟ ପୁରସ୍କାର ଅନୁଷ୍ଠିତ ହୋଇଥାଏ । କୃତ୍ରିମ ବୁଦ୍ଧିମତା ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନବସୃଜନ, ସାଇବର ସୁରକ୍ଷା ଅଭ୍ୟାସ, ଡାଟା ବିଶ୍ଳେଷଣ ମାଧ୍ୟମରେ ଡିଜିଟାଲ୍ ପରିବର୍ତ୍ତନ ଏବଂ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ସଫଳ ଜାତୀୟ ପ୍ରକଳ୍ପଗୁଡ଼ିକର ପ୍ରତିକୃତି ସମେତ ଛଅଟି ବର୍ଗରେ ମୋଟ ୧୦ଟି ସ୍ୱର୍ଣ୍ଣ ଏବଂ ୬ଟି ରୌପ୍ୟ ପୁରସ୍କାର ଘୋଷଣା କରାଯାଇଥିଲା। ପ୍ରତ୍ୟେକ ସ୍ୱର୍ଣ୍ଣ ପୁରସ୍କାରରେ ଏକ ଟ୍ରଫି, ପ୍ରମାଣପତ୍ର ଏବଂ ୧୦ ଲକ୍ଷ ପ୍ରୋତ୍ସାହନ ପ୍ରଦାନ କରାଯାଏ ଏବଂ ରୌପ୍ୟ ପୁରସ୍କାର ବାବଦରେ ୫ ଲକ୍ଷ ମିଳିବ। ଏହି ପାଣ୍ଠିକୁ ପୁରସ୍କୃତ ସଂସ୍ଥା କିମ୍ବା ସ୍ଥାନୀୟ ସଂସ୍ଥାଗୁଡ଼ିକ ଡିଜିଟାଲ୍ ପ୍ରକଳ୍ପଗୁଡ଼ିକୁ ଆହୁରି କାର୍ଯ୍ୟକାରୀ କରିବା କିମ୍ବା ସାର୍ବଜନୀନ ସେବା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଅଭାବକୁ ପୂରଣ କରିବା ପାଇଁ ବ୍ୟବହାର କରିବେ। ଇ-ଗଭର୍ଣ୍ଣାନ୍ସରେ ଭାରତର ପ୍ରଗତିକୁ ପାଳନ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ସାରା ଦେଶରୁ ଡିଜିଟାଲ୍ ଅଗ୍ରଣୀଙ୍କ ଏକ ସମାବେଶ ୨୮ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀରେ ପୁରସ୍କାର ପ୍ରଦାନ କରାଯିବ।

# ଆଇନଜୀବୀ ସୀତାଂଶୁ ଦ୍ୱିବେଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୨୯।୫ (ମହାଭାରତ):** ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବିରୋଧରେ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଦ୍ୱାରା ଗଣମାଧ୍ୟମରେ ମିଥ୍ୟା ଅଭିଯୋଗ କରାଯାଇଛି। ଏନେଇ ଆଇନଜୀବୀ ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବାର କାଉନ୍‌ସିଲରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅନୁରୋଧ କରିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ସାମଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୦୩/୦୪/୨୦୨୫ରେ ଆଇନଜୀବୀ ଦ୍ୱିବେଦୀ ଗଣାମଧ୍ୟମ ଆଗରେ କହିଥିଲେ ଯେ, ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଶପଥ ସମାରୋହ ୧୨ ଜୁନ ୨୦୨୪ରେ ହେବାର ଥିଲା। ଉକ୍ତ ଶପଥ ସମାରୋହ ଉତ୍ସବ ପାଇଁ ବିଜେପିର ସ୍ଥାନୀୟ ନେତାମାନେ ଶ୍ରୀ ଦ୍ୱିବେଦୀଙ୍କ ମହକିଲ ରାଜା ଚକ୍ରଙ୍କଠାରୁ ବିପୁଳ ଟଙ୍କା ଚାନ୍ଦା ଆକାରରେ ଦାବି କରୁଛନ୍ତି। ନଦେଲେ ଓପିଆଇଡି କୋର୍ଟରେ ଶ୍ରୀ ଦ୍ୱିବେଦୀଙ୍କ ଦ୍ୱାରା ଜାମିନ ପାଇଁ ଆବେଦନ ହୋଇଥିବା ଆର୍ଥିକ ମାମଲାର ଅଭିଯୁକ୍ତ ରାଜା ଚକ୍ରଙ୍କ କମ୍ପାନୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିକୁ ବନ୍ଦ କରି ଦିଆଯିବ। ଏଥି ଯୋଗୁ ସିଧାସଳଖ ଭାବେ ବିଜେପିର ରାଜ୍ୟ ମୁଖ୍ୟଙ୍କ ସଂଚୟ ବ୍ୟାଙ୍କ ଆକାଉଟକୁ ୫୩ ଲକ୍ଷ ଟଙ୍କା ଏବଂ ଆରଟିଜିଏସ୍ ମାଧ୍ୟମରେ ତାଙ୍କ ଆକାଉଂଟକୁ ୫୦ ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା। ଗଣମାଧ୍ୟମରେ ଏପରି ମିଥ୍ୟା ଖବର ପ୍ରସାରଣ କରି ଶ୍ରୀ ସାମଲଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯାଇଛି। ଶ୍ରୀ ସାମଲ ଏବେ ରାଜ୍ୟ ବିଜେପିର ସଭାପତି ଥିଲାବେଳେ ଏହା ପୂର୍ବରୁ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ସେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ହେବା ସହ ରାଜ୍ୟରେ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ନେତୃତ୍ୱରେ ବିଜେପି ରାଜ୍ୟରେ ଏବେ ସରକାର ଗଠନ କରିଛି।

# ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ଭୁବନେଶ୍ୱର,୨୯।୫ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ, ଗମ୍ଭାରିମୁଣ୍ଡା ଗ୍ରାମ ପଂଚାୟତର ପତିତପାବନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ବାଣପୁର ପଂଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗମ୍ଭାରୀ ମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ, ପ୍ରେମାଞ୍ଜଳି ପଟ୍ଟନାୟକ, ବିଡିଓ ଶୀତଳ ଅଗ୍ରୱାଲ, ତହସିଲଦାର ପଦ୍ମନାଭ ଦୋରା, ଡେପୁଟି କଲେକ୍ଟର, ଅଭିଯୋଗ ଆର୍ତ୍ତତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର ଶ୍ରିତପା ମିଶ୍ର, ସହକାରୀ ଜିଲ୍ଲାପାଳ ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୮୮ଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ଟି ଅଭିଯୋଗ ବ୍ୟକ୍ତିଗତ, ୮ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗସ୍ଥଳରେ ୫ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଗାମ୍ଭାରୀମୁଣ୍ଡା ଗ୍ରାମ ପଂଚାୟତର ଭେଟେଶ୍ୱର ଗ୍ରାମର ମିନତୀ ସ୍ୱାଇଁଙ୍କୁ ୦୫ ହଜାର, ନୂଆସାହି ଦେଓଗାଁ ଗ୍ରାମର ଗଗନ ପ୍ରଧାନଙ୍କୁ ୧୫ହଜାରକୁ ନେଇ ମୋଟ ୨ଜଣ ଅଭିଯୋଗକାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ଉଦ୍ୟାନ କୃଷି, ମତ୍ସ୍ୟ, ଏସ ଏସ ଇପିଡି, ଆୟୁଷ୍ମାନ ଆରୋଗ୍ୟ, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ସେବା, ପ୍ରାଣୀ ସମ୍ପଦ ସେବା,ବେଟି ବଚାଓ ବେଟି ପଢ଼ାଓ, ଆଦ୍ୱିକା, ଭିଏଚ୍ଏସଏନ୍‌ଡି, ପୋଷଣ ପକ୍ଷ ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ।

# ରାଜନୈତିକ ମତପାର୍ଥକ୍ୟ

ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର-ରାଜ୍ୟ ଏକାଠି କାମ କଲେ କିଛି ଅସମ୍ଭବ ନୁହେଁ। ଏଥିପାଇଁ ରାଜନୈତିକ ମତପାର୍ଥକ୍ୟକୁ ଭୁଲି ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ନିତି ଆୟୋଗ ବୈଠକରେ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ଯୋଗ ଦେଇଥିଲେ। କିନ୍ତୁ ବୈଠକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କେରଳ ମୁଖ୍ୟମନ୍ତ୍ରୀ ପିରାଇ ବିଜୟନ ଯୋଗ ଦେଇନଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବୈଠକରେ ଯୋଗ ଦେଇନଥିଲେ ବି ନିଜର ବାର୍ତ୍ତା ପଠାଇଥିଲେ। ମୋଟ ଉପରେ କହିଲେ ବୈଠକରେ ତିନିଟି ପ୍ରମୁଖ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନୁପସ୍ଥିତ ଥିଲେ। ଏହାର କାରଣ କ'ଣ ଜଣାନାହିଁ। ସମ୍ଭବତଃ ରାଜନୈତିକ ମତପାର୍ଥକ୍ୟ ଯୋଗୁ ସେମାନେ ବୈଠକରେ ଯୋଗ ଦେଇନଥିଲେ। ଅତୀତରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମମତା ଏବଂ ପିନରାଇ ବିଜୟନ ଅନୁପସ୍ଥିତ ରହିଥିବାର ନଜିର ରହିଛି। ଏହା କଦାପି ସ୍ୱାଗତଯୋଗ୍ୟ ନୁହେଁ। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାରଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତର କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ। କେନ୍ଦ୍ର ସରକାର ଦେଶର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି, ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଯେପରି ସଠିକ ଭାବେ କାର୍ଯ୍ୟକାରୀ ହୁଏ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ତାହାକୁ ସୁନିଶ୍ଚିତ କରିବା ଉଭୟଙ୍କ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଅଭିଯୋଗ ହେଉଛି କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟମାନଙ୍କର ଦାବି ପ୍ରତି ଅବହେଳା କରୁଛନ୍ତି। ଉଦାହରଣ ସ୍ୱରୂପ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ନିୟମିତ ଅଭିଯୋଗ କରି ଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜ୍ୟର ହକ ଦେଉନାହାଁନ୍ତି। କେନ୍ଦ୍ର ସରକାର ରାଜ୍ୟର ପ୍ରାପ୍ୟ ପ୍ରଦାନ କରୁ ନାହାଁନ୍ତି। କେରଳ ମ୍ୟୁମନ୍ତ୍ରୀ ପିନରାଇ ବିଜୟନ ମଧ୍ୟ ସମାନ ଅଭିଯୋଗ କରି ଆସୁଛନ୍ତି।

“

;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।

# ସାଧୁ - ସର୍ବ ଭୂତ ହିତେ ରତଃ


॥ ହେମନ୍ତ କୁମାର ପରିଡ଼ା ॥


ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ୍ୟ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ୍ୟ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ୱୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଶାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଳ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହ୍ରୀରଚାପଳମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରିକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ


॥ ଗୋପାଳ ମହାପାତ୍ର ॥


ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା


॥ ଉମେଶ ଚନ୍ଦ୍ର ପାତ୍ର ॥


ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶୀତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - “ ”ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ର'ସେର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସମବାୟ ସମିତିକୁ ଜମି ଦେବା କୁ ଅନିଚ୍ଛା ପ୍ରକାଶ କରୁଛି ହାଟଡିହି ତହସିଲ

ହାଟଡିହି, ୨୯/୦୫ (ମହାଭାରତ) :ହାଟଡିହି ବ୍ଲକ ଅନ୍ତର୍ଗତ ସାରା ରାଜ୍ୟରେ ଚାଷୀ ମାନଙ୍କପାଇଁ ଠିକ୍ ଭାବରେ ଋଣ ପ୍ରଦାନ ଓ ବିହନ ଯୋଗାଇ ଦେବା ସମବାୟ ସମିତି ତିଆରି ହୋଇଥିଲା। ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟ କ୍ଷମ ହେବା ପାଇଁ ୨୦୨୩ ମସିହାରେ ହାଟଡିହି ବ୍ଲକ ରେ ଆଠ ଗୋଟି ନୂଆ ସମବାୟ ସମିତି ତିଆରି ହୋଇଥିବା ବେଳେ ସେଗୁଡିକ କୁ ଏବେ ପର୍ଯ୍ୟନ୍ତ ତହସିଲ ବିଭାଗ ନୂଆ ଜମି ଯୋଗାଇ ଦେଇ ପାରୁନାହିଁ। ଏପଟେ ସମବାୟ ବିଭାଗ ପକ୍ଷରୁ ବାରମ୍ବାର ନିଜସ୍ଵ ଜାଗା ଚିହ୍ନଟ ପାଇଁ ଚିଠି ଦେଉଥିବା ବେଳେ ହାଟଡିହି ତହସିଲ ର ଖିଆଲି ମନୋଭାବ ପୋଷଣ ଯୋଗୁ ସମବାୟ ବିଭାଗ ନିଜର ନୂତନ ଅଫିସ ଗୃହ ତିଆରି କରି ପାରୁନାହିଁ। ଯାହା ଫଳରେ ଆସିଥିବା ଗୃହ ନିର୍ମାଣ ଅର୍ଥ ଫେରିଯିବାକୁ ବସିଲାଣି।

## ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଅନୁଗୋଳ, ୨୯/୦୫ (ମହାଭାରତ) : ବଲାଙ୍ଗୀରର କୁଲଥିପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣ ଯୋଗୁଁ ରାଜ୍ୟର ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଓଡିଶା ସାମ୍ବାଦିକ ୟୁନିୟନ ଅନୁବନ୍ଧିତ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଅଜିତ କୁମାର ଧର, ସାଧାରଣ ସମ୍ପାଦକ ସ୍ଵାଧୀନ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁଙ୍କ ଦ୍ଵାରା ସଦସ୍ୟ ପ୍ରମୁଖ ଅନୁଗୋଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଏହି ସ୍ମାରକପତ୍ରରେ ରାଜ୍ୟ ସାମ୍ବାଦିକ ସମୂହଙ୍କ ସୁରକ୍ଷା ଦୃଷ୍ଟିରୁ ସାମ୍ବାଦିକ ସୁରକ୍ଷା ଆଇନ, ପେନସନ୍ ଯୋଜନା ଲାଗୁ, ଅନୁକମ୍ପା ମୂଳକ ରାଶି ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଅଛି ।

## ଭାପୁରରେ ବିଜେପି-ବିଜେଡି କର୍ମୀ ଟଣାଓଟରା

ଭାପୁର, ୨୯/୦୫ (ମହାଭାରତ) : ଭାପୁର ବ୍ଲକ୍ ରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ମଞ୍ଜୁର ହୋଇଥିବା କୋଟି କୋଟି ଟଙ୍କା କାର୍ଯ୍ୟ ନ ହୋଇ ପଡ଼ିରହିଛି। ସ୍ଥାନୀୟ ବିଧାୟକ ବିଜେପି ଦଳର ହୋଇଥିବା ବେଳେ ଭାପୁର ବ୍ଲକ୍ ଅଧ୍ୟକ୍ଷ ପଦ ବିଜେଡି କବ୍ ?ଜାରେ ରହିଛି। ଫଳରେ ଦୁଇ ଦଳର ଛାମୁଆଁ କର୍ମୀଙ୍କ ମଧ୍ୟରେ କାମ କିଏ କରିବ ତାକୁ ନେଇ ଟଣାଓଟରା ଚାଲିଛି। ବିଭିନ୍ନ ସଭା ସମିତି ମଞ୍ଚରେ ନେତା କୋଳା କୋଳି ହୋଇ ହସଖୁସି ମନାଉ ମନାଉଛନ୍ତି। ଜନହିତକର କାର୍ଯ୍ୟ କରିବା ପାଇଁ ଭାଷଣବାଜି କରୁଛନ୍ତି। କିନ୍ତୁ ପ୍ରକୃତ କାମ ଏହାର ଏକଦମ ଓଲଟା। ନେତାଙ୍କ ଟଣାଓଟରାରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଭାପୁର ବ୍ଲକ୍ ଅଞ୍ଚଳବାସୀଙ୍କ ଭାଗ୍ୟ ବନ୍ଧା ପଡ଼ିଥିବା ନେଇ ଚର୍ଚ୍ଚା ହେଉଛି। ଖଣ୍ଡପଡ଼ାରୁ ଦୁଷ୍ମନ୍ତ କୁମାର ସ୍ଵାଇଁ ଗତ ବର୍ଷେ ହେଲା ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଭାପୁର ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଇଛନ୍ତି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ର ୨୦ଟି ପଞ୍ଚାୟତରେ ବିଭିନ୍ନ ଜନହିତକର କାର୍ଯ୍ୟପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ସାଂସଦ ପାଣ୍ଠି, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ଗ୍ରାଣ୍ଟ ଇନ୍-ଏଡ୍ ଫଣ୍ଡ ଭଳି ବିଭିନ୍ନ ଯୋଜନାରେ ମଞ୍ଜୁର ହୋଇଥିବା ପ୍ରାୟ ୧୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ଲକ କାର୍ଯ୍ୟାଳୟରେ ପଡ଼ିରହିଛି। ଏହି ଟଙ୍କାରେ ଗାଁ ଗାଁ ରେ କେଉଁ ଦଳର କର୍ମୀ କାମ କରିବେ ତାହାକୁ ନେଇ ଦୁଇ ପ୍ରମୁଖ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ କସରତ ଚାଲିଛି। ପ୍ରକଳ୍ପ କାମର କାର୍ଯ୍ୟାଦେଶ ବ୍ଲକ୍ ର ସରକାରୀ ବାବୁ ମାନଙ୍କ ନାମରେ ରହିବ ବୋଲି ବ୍ଲକ୍ ପ୍ରଶାସନ ସ୍ଥିର କରିଥିଲା। ଗୋଟିଏ ପ୍ରକଳ୍ପ କାର୍ଯ୍ୟ ପାଇଁ ଯଦି ବିଜେପିର ସମର୍ଥକ ସ୍ଥାନ ଚିହ୍ନଟ କରି ମାଟିଖୋଳି କାର୍ଯ୍ୟ ଆରମ୍ଭ କରୁଛନ୍ତି। ସେହି ସ୍ଥାନରେ ବିଜେଡି କର୍ମୀ ସିମେଣ୍ଟ ଏବଂ ଛଡ଼ ଗଦେଇ ଦେଉଥିବା ଦେଖିବାକୁ ମିଳୁଛି। ସମାନ ଭାବେ ଯେଉଁ ଗ୍ରାମରେ ରାସ୍ତା କାମ ପାଇଁ ବିଜେଡିର ସମର୍ଥକ ମାଟି ମେଟାଲ ଗଦାଉଛନ୍ତି ସେହି ସ୍ଥାନରେ ବିଜେପି କର୍ମୀ ରାସ୍ତା ଆଗତୁରା ଖୋଳି ପକାଉଥିବା ଭଳି ରୋଚକ ଦୃଶ୍ୟ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଭାପୁର ବ୍ଲକ୍ ?ରେ ଉନ୍ନୟନ ମୂଳକ କାର୍ଯ୍ୟ ଏକରକମ ଠପ୍ ହୋଇପଡ଼ିଥିବା ଜଣାପଡ଼ିଛି। ଏହାକୁ ନେଇ ବ୍ଲକ୍ ପ୍ରଶାସନର ଅଧିକାରୀ ମାନେ ଚିନ୍ତାରେ ପଡ଼ିଛନ୍ତି। ଫଳରେ ସରକାରଙ୍କ ଜନହିତକର କାର୍ଯ୍ୟ କିଭଳି ହେବ ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକଳ୍ପ କାର୍ଯ୍ୟ ପାଇଁ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଭାପୁର ବ୍ଲକ୍ ଭାରପ୍ରାପ୍ତ ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ତାଗିଦ୍ କରୁଥିଲେ ମଧ୍ୟ ଙ୍କିକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ରହିଛନ୍ତି ଅଧିକାରୀ ଓ କର୍ମଚାରୀ। ଏଭଳି ସ୍ଥିତିରେ ଦୁଇ ଦଳର ପ୍ରମୁଖ ନେତା ଏବଂ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ହେବାଭଳି ସମ୍ଭାବନା ମଧ୍ୟ ଦେଖାଦେଇଛି। ଏନେଇ ବିଡିଓ ଶ୍ରୀ ପଣ୍ଡାଙ୍କୁ ପଚାରିବାରେ, ସେ ପ୍ରତିକ୍ରିୟା ଦବାକୁ ମନା କରିବା ସହ ନିଜର ଅସହାୟତା ପ୍ରକାଶ କରିଛନ୍ତି। ସ୍ଥିତି ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ କିଭଳି ପଦକ୍ଷେପ ନେଉଛି ତାକୁ ଭାପୁର ଅଞ୍ଚଳବାସୀ ଚାହିଁ ରହିଛନ୍ତି।

## ଦୀର୍ଘ ଦିନ ହେଲା ବଦଳି ହୋଇ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ନର୍ସ

କନ୍ଧମାଳ, ୨୯/୦୫ (ମହାଭାରତ) : କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ଗାଁ ମେଡିକାଲରେ ସ୍ଵାସ୍ଥ୍ୟସେବା ବିପର୍ଯ୍ୟସ୍ତକୁ ନେଇ ଜନ ଅସନ୍ତୋଷ । ଦୀର୍ଘଦିନ ହେଲା ଷ୍ଟାଫ ଅଭାବରୁ ବ୍ରାହ୍ମଣୀଗାଁ ମେଡିକାଲ କୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ସ୍ଵାସ୍ଥ୍ୟସେବା ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ହେଲା ଦାରିଙ୍ଗବାଡି ଡାକ୍ତରଖାନାରୁ ବ୍ରାହ୍ମଣୀଗାଁ ଡାକ୍ତରଖାନାକୁ ପ୍ରିୟଙ୍କା ପ୍ରଧାନ ନାମକ ଜଣେ ନର୍ସଙ୍କ ବଦଳି ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସେ କାମରେ ଯୋଗଦେଇ ନାହାଁନ୍ତି ଯାହାଫଳରେକି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଛି ।ନର୍ସ ଜଣକ ଦାରିଙ୍ଗବାଡି ମେଡିକାଲ ଅଫିସରଙ୍କ ଛତ୍ରଛାୟା ତଳେ ରହି ବ୍ରାହ୍ମଣୀଗାଁ ଡାକ୍ତରଖାନାକୁ ଯିବାକୁ ନା ଧରୁନଥିବା ଅଭିଯୋଗ ହୋଉଛି ।ସରକାର ବଦଳି ହୋଇଥିବା ସରକାରୀ କର୍ମଚାରୀଙ୍କୁ ୨୪ଘଣ୍ଟା ଭିତରେ କାମରେ ଯୋଗଦେବାକୁ ଅର୍ଡର କରିଥିଲେ ମଧ୍ୟ ସରକାରଙ୍କ ଅର୍ଡରକୁ ବେଖାତିରି କରୁଛନ୍ତି କିଛି ସରକାରୀ କର୍ମଚାରୀ। ଏ ନେଇ ବ୍ରାହ୍ମଣୀଗାଁ ଡାକ୍ତରଖାନା ଅଧିନରେ ରହୁଥିବା (୧)କାଟିଙ୍ଗିଆ, ଝିଞ୍ଜିରୀଗୁଡା, ସରାମୂଳି , ହାତୀମୁଣ୍ଡା, ବ୍ରାହ୍ମଣୀଗାଁ, କଟାମାହା ପ୍ରଭୃତି ଗ୍ରାମପଚାଂୟତ ର ଜନସାଧାରଣ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ପୂର୍ବତନ ସରୂମୁଳି ସରପଞ୍ଚ ତଥା ପୂର୍ବତନ ଦାରିଙ୍ଗବାଡୀ ବ୍ଲକ ଚ୍ୟାୟାରମେନ ଚନ୍ଦ୍ରଶେଖର ମାଝୀ,ସୁବାସ ବଳିଆରସିଂ, ଅଜୟ ପ୍ରଧାନ,ତାୟୁସା ପାଟମାଝୀ, ସୁରେଶ ପାତ୍ର,ଧବଳେଶ୍ଵର ବିଶୋୟୀ, ମଞ୍ଜୁଳା ଦେବୀ, ରମାକାନ୍ତ ସେନାପତି, ଲୁକୁ ସୁନାମାଝୀ, ମାରିୟାନ ସିଂ,ଅନନ୍ତ ବି ସିଂ, ସୁରେନ୍ଦ୍ର ପାଲଟାସିଂ, ଶୁସିଲ ପ୍ରଧାନ, ରିକେନ୍ ପାଟମାଝୀ, ରଜନୀକାନ୍ତ ସିଂ, ପାରିଟା ପାଟମାଝୀ ଓ ଅଞ୍ଚଳବାସୀ ଉକ୍ତ ନର୍ସ ଖୁବଶିଘ୍ର ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ଯୋଗଦାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି ।ଯଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବ୍ରାହ୍ମଣୀଗାଁ ଡାକ୍ତର ଖାନାକୁ ବଦଳୀ ହୋଇଥିବା ନର୍ସ କୁ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ନ ଦିଅନ୍ତି ତାହାହେଲେ ଆଗାମୀ ଦିନରେ ଏହା କୁ ନେଇ ତୀବ୍ର ଜନ ଆନ୍ଦୋଳନ କରିବାକୁ ଜିଲ୍ଲା ପ୍ରଶାସନ କୁ ଚେତାବନୀ ଦେଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ।

## ସୁଧ ବ୍ୟାପରୀଙ୍କ ହାତ ବାରିସୀ ସାଜିଛି ପ୍ରଶାସନ: ଋଣ କିସ୍ତି ସୁଝି ନପାରି ଗରିବ ଲୋକ ନିର୍ଯାତିତ !

ଆସିକା,୨୯/୦୫ (ମହାଭାରତ) : ବିଗତ କିଛି ବର୍ଷ ହେଲା ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ କିଛି ବ୍ୟକ୍ତି ବିଶେଷ ବେନିୟମ ପ୍ରକାରେ ଲୋକଙ୍କୁ ଉଚ୍ଚ ସୁଧ ହାରରେ ଟଙ୍କା ଧାର ଦେଇ ସେମାନଙ୍କୁ ଲୁଟୁଥିବାର ଘଟଣା ସାମ୍ନା କୁ ବାରମ୍ବାର ଆସୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଜନସାଧାରଣ ଙ୍କ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ସୃଷ୍ଟି କରୁଥିବା ଶୁଣିବାକୁ ମିଳୁଛି। ଏହି ସୁଧ ବ୍ୟାପରି ମାନେ ପ୍ରଥମେ ଲୋକଙ୍କୁ ଟଙ୍କା ଦେଇଥାନ୍ତି ପରେ ଚଢ଼ା ଦରରେ ସେମାନଙ୍କୁ ଡରାଇ ଧମକାଇ ମୂଳ ଟଙ୍କା ଠାରୁ ଢେର ଅଧିକ ଟଙ୍କା ସୁଧ ଭାବରେ ଆଦାୟ କରିଥାନ୍ତି। ଏହି ମାନଙ୍କ ଠାରୁ ଋଣ ଆଣି ବହୁ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଗରିବ ଖଟିଖିଆ ଦିନ ମଜୁରିଆ ଠାରୁ ମଧ୍ୟବିତ୍ତ ଶ୍ରେଣୀର ଲୋକ ତଳିତଳାନ୍ତ ହେବାକୁ ବସିଲେଣି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଅଭିଯୋଗ ଜୋର୍ ଧରିଛି। ପ୍ରଥମେ ଏମାନେ ଟଙ୍କା ଦେଇଥାନ୍ତି ପରେ ସେହି ଗୋଷ୍ଠୀର ସଦସ୍ୟ ମାନଙ୍କ ଠାରୁ ସାପ୍ତାହିକ, ପାକ୍ଷିକ ଓ ମାସିକ ଧାର୍ଯ୍ୟ ଦିନରେ ସୁଧମୂଳ ସହ କିସ୍ତି ଅନୁଯାୟୀ ନିଜ ନିଜ ସଂସ୍ଥାମାନଙ୍କ ଏଜେଣ୍ଟ ମାନଙ୍କ ଜରିଆରେ ଅର୍ଥ ଆଦାୟ କରିଥାନ୍ତି। ତେବେ କିସ୍ତି ଅନୁଯାୟୀ ଠିକ୍ ସମୟରେ କୌଣସି କାରଣରୁ ପରିଶୋଧ କରିବାରେ ବିଳମ୍ବ ହେଲେ ବିଭିନ୍ନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଋଣଦାତା ମାନେ ଋଣୀଦାରଙ୍କ ଘର ନିକଟରେ ପହଞ୍ଚି ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ କିସ୍ତି ଟଙ୍କା ଦେବା ପାଇଁ ଧମକ ଚମକ ଦେଉଥିବା ସହ ମାଡ଼ ମାରୁଥିବା ମଧ୍ୟ ଅଭିଯୋଗ ହେଉଛି। ଆସିକା ଅଞ୍ଚଳର ବହୁ ଗରିବ ଓ ଖଟିଖିଆ ମାନଙ୍କୁ କେତେକ ସୁଧ ବ୍ୟାପରୀ ଟାର୍ଗେଟ୍ କରି ପୂର୍ବରୁ ଆବଶ୍ୟକୀୟ ଆଧାର କାର୍ଡ ଓ ଫଟୋ ପରିଚୟ ପତ୍ର, ଖାଲି ଚେକ ସଂଗ୍ରହ କରିବା ସାଙ୍ଗକୁ ଇଂରାଜୀରେ ଲିଖିତ ଅନେକ ଦସ୍ତାବିଜରେ ଦସ୍ତଖତ କରିନେଉଥିବା ଅଭିଯୋଗ ହେଉଛି। ଋଣ ପରିଶୋଧ ସମୟରେ କେତେକ ମହିଳା ଗୋଷ୍ଠୀ ନାନା ସମସ୍ୟାର ସମ୍ମୁଖୀନ ହେବା ସାଙ୍ଗକୁ ମୋଟା ରକମର ସୁଧ ଗଣି ତଳିତଳାନ୍ତ ହେଉଥିବା ଏକ ଅନୁସନ୍ଧାନରୁ ଜଣାପଡିଛି। ତେଣୁ ଏହି ବେଆଇନ ଅର୍ଥ ଲଗାଣକାରୀ ବ୍ୟକ୍ତି ବିଶେଷ ଉପରେ ସ୍ଥାନୀୟ ପ୍ରଶାସନ ଲଗାମ ଲଗାଇବା ସହ ସେମାନଙ୍କ ନିକଟରେ ଋଣ ପ୍ରଦାନ କରିବା ପାଇଁ ଉଚିତ କାଗଜ ପତ୍ର ଅଛି କି ନାହିଁ? ସେମାନେ ଏହା ପ୍ରତିବଦଳରେ ସରକାର ଙ୍କୁ ଠିକ ଭାବେ ଟିକସ ପ୍ରଦାନ କରୁଛନ୍ତି କି ନାହିଁ ତାହା ତଦାରଖ କରିବା କୁ ସାଧାରଣ ରେ ଦାବୀ ହେଉଛି ।ହେଲେ ପରିତାପର୍ଵିଷୟ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠୁଛି। ବେନିୟମ ସୁଧ ବ୍ୟାପାରୀ ଙ୍କ ଉପରେ ନିୟନ୍ତ୍ରଣ ରଖିବା ପାଇଁ ସରକାର ଏକ ଆଇନ ଆଣିବା ଜରୁରୀ ବୋଲି ସଚେତନ ନାଗରିକ ମହଲରେ ଦୃଢ଼ ଦାବି ହେଉଛି । ଜିଲ୍ଲା ପ୍ରଶାସନ ତଥା ଆୟକର ବିଭାଗ, ଅର୍ଥନୈତିକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଗରିବ, ଅଶିକ୍ଷିତ ଓ ଖଟିଖିଆ ମହିଳାଓ ପୁରୁଷ ମାନଙ୍କ ବୃହତ୍ତର ସ୍ଵାର୍ଥରକ୍ଷା ଦୃଷ୍ଟିରୁ ସୁଧ ବ୍ୟବସାୟୀ ମାନେ ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତିନିୟମ ଅନୁଯାୟୀ କାରବାର କରୁଛନ୍ତି କି ନାହିଁ ତାହାରି ଉପରେ ଏକ ଉଚ୍ଚସ୍ତରୀୟ ଯାଞ୍ଚ କରିବା ଦିଗରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ବୁଦ୍ଧିଜୀବୀଓ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି।

## ରାସ୍ତା ନିର୍ମାଣ ବିଳମ୍ବକୁ ନେଇ ରାସ୍ତା ଅବରୋଧ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଗ୍ରାମବାସୀ



ନୂଆଗାଁ, ୨୯/୦୫ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଖୋର୍ଦ୍ଧା ଓ ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ମହିପୁର ଛକଠାରୁ ବାହାଡଝୋଲା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣରେ ବିଳମ୍ବ ହୋଇଥିବାରୁ ଗାତେରୀ ଓ ଡାକଢୋଲ ଉଭୟ ଗ୍ରାମବାସୀ ଙ୍କ ମିଳିତ ସହଯୋଗରେ ବୁଧବାର ଦିନ ରାସ୍ତା ମଝିରେ ଦୁଇଟି ଶଗଡ଼ ଥୋଇ ଅବରୋଧ କରିଥିଲେ। ଦୀର୍ଘ ୩ବର୍ଷ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ଶେଷ ହୋଇ ପାରୁନାହିଁ ।ଏନେଇ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଙ୍କୁ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିଥିଲେ ଅଧ କୌଣସି ସୁଫଳ ମିଳିନଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ତା ୨୧ ରିଖରେ ସମାନ ଢଙ୍ଗରେ ଉଭୟ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପହଞ୍ଚି ଦୁଇଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। କିନ୍ତୁ ରାସ୍ତା ନିର୍ମାଣ ଅହେତୁକ ବିଳମ୍ବ ହୋଇଥିବା ଅନୁରୂପ ଭାବେ ତା ୨୮ ରିଖ ବୁଧବାର ଦିନ ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଥିଲେ ।ଯାହା ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ମହିପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାତ, ନୂଆଗାଁ ଅତିରିକ୍ତ ତହସିଲଦାର କବିରାଜ ସେଠି ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୁ ଉଠିଥିଲେ। ଏହା ପରେ ଗମନାଗମନ ଓ ଯାନବାହାନ ଚଳାଚଳରେ ସ୍ଥିତି ସ୍ଵାଭାବିକ ହୋଇଥିଲା ।ନିୟମିତ ପାଗ ପରିବର୍ତ୍ତନ ହେଲେ ଯଥାଶୀଘ୍ର ପିଚୁ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ଯନ୍ତ୍ରୀ କହିଛନ୍ତି।

## ଯୋଡ଼ା ଖଣି ମଣ୍ଡଳରେ କେତେ ସୁରକ୍ଷିତ ବାରୁଦ ଗୋଦାମ !

ଯୋଡା ,୨୯/୦୫(ମହାଭାରତ) କେନ୍ଦୁଝର ଜିଲ୍ଲା ଖଣି ବହୁଳ ଅଞ୍ଚଳ ଯୋଡା ଏକ ଖଣି ପରିପୂର୍ଣ୍ଣ ହୋଇଥିବାରୁ ଏଠାରେ ବାରୁଦର ବେବହାର ହୋଇ ଥାଏ ଯୋଡ଼ା ଖଣି ମଣ୍ଡଳରେ ସମୁଦାୟ ୯୮ ଗୋଟି ଖଣି ରହିଛି ।ଖଣିଜ ଉତ୍ତୋଳନ କରିବା ପାଇଁ ଆବଶ୍ୟକ ପଡୁଥିବା ବାରୁଦ,କୋଇଡା ଖଣି ଅଞ୍ଚଳ ର କେ ବା ।ଲ ।ଙ୍ଗ ବାରୁଦ ଲୁଟ ଘଟଣା ଘଟିବା ପରେ ଯୋଡା ଖଣି ମଣ୍ଡଳ ରେ କେତେ ସୁରକ୍ଷିତ ଏହାକୁ ନେଇ ପ୍ରଶ୍ନ ଉଠିଛି ।କେନ୍ଦୁଝର - ସୁନ୍ଦର ଗଡ଼ ସୀମାନ୍ତ କେ ବ ।ଲ ।ଙ୍ଗ ରୁ ବାରୁ ଦ ଗାଡିରୁ ପ୍ରାୟ ୪ ମେଟ୍ରିକ୍ ଟନ୍ ବାରୁଦ୍ ଲୁଟ ହେବା ପରେ ଓଡ଼ିଶା ପୋଲିସ କୁ ଚାଲେଞ୍ଜ କରାଯାଇଛି ।ଏହାକୁ ଲୁଟେରା ମାନେ କିପରି ବ୍ୟବହାର କରିବେ,ଏହାକୁ ନେଇ କେନ୍ଦୁଝର ଜିଲ୍ଲା ସୀମାନ୍ତରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ,ଖଣି ଅଞ୍ଚଳ କୁ ରାଉରକେଲା,ବାରୁଦ ସ୍ଵତନ୍ତ୍ର ମାଗାଜିନ୍ ଗାଡ଼ି ରେ ଆସିଥାଏ ।ଖଣି ସମୃଦ୍ଧ ଚମ୍ପୁଆ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଯଥା ବଡ଼ବିଲ - ଠାକୁରାଣୀ ରାସ୍ତାରେ କଲାମ ବା ।ରୁ ଦ ଗୋଦାମ, କା ।ଲିକାପ୍ରସାଦ,ଚମ୍ପୁଆ - ତୁରୁ ମୁଙ୍ଗା ରାସ୍ତା,ଯୋଡା ବାସୁଦେବ ପୁର ରାସ୍ତା ସମେତ କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ପ୍ରଭୃତିରେ ଏହି,ବାରୁ ଦ ଗୋଦାମ ରହିଛି ।ଏହି ଗୋଦାମ ଗୁଡିକରେ ସାଧାରଣତଃ ଉଚ୍ଚ ବିସ୍ଫୋରକ କାର୍ଟ୍ରିଜ୍ ,ଜିଲୋଟିନ ,ଫ୍ୟୁଜ କଏଲ,ଇତ୍ୟାଦି ସହିତ ଅ ।ମୋ ରହିଥାଏ । ଏହି ଗୋଦାମ ଗୁଡିକରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ରହିଛି ।ହାତଗଣତି କିଛି ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି ।ଏହି ବାରୁଦ କୁ ବ୍ୟବହାର କରୁଥିବା ଖଣି କମ୍ପାନୀ ମାନେ ରାଉରକେଲା ଠାରେ ଥିବା କେନ୍ଦ୍ର ସରକାରଙ୍କ ଏକ୍ସପ୍ଲୋସିଭ ବିଭାଗ ଠାରୁ ଲାଇସେନ୍ସ ଆଣି ଗୋଦାମ ରୁ ଅନଲାଇନ ମାଧ୍ୟମରେ କିଣି ଥାଆନ୍ତି ।କିଣିବା ପରେ ଏହାକୁ ଖଣିରେ ଥିବା ନିଜର ବ ।ରୁଦ ମାଗାଜିନ୍ ରେ ଗଚ୍ଛିତ ରଖି ଆବଶ୍ୟକ ଅନୁଯାୟୀ ବ୍ୟବହାର କରିଥାନ୍ତି ।ଗୋଦାମ ଗୁଡ଼ିକ ଥିବା ସ୍ଥାନ ସମ୍ପୂର୍ଣ୍ଣ ଜଙ୍ଗଲ ଭିତରେ ରହିଥିବା ବେଳେ ଖଣି ରେ ଥିବା ମାଗାଜିନ୍ ଗୁଡ଼ିକ ଅବସ୍ଥା ଆହୁରି ବିପଦଜନକ ।ସମ୍ପୂର୍ଣ୍ଣ ଭାବେ ଖଣିରୁ ଦୂରରେ ପରିତ୍ୟକ୍ତ ସ୍ଥାନରେ ଏହା ଥିବାରୁ ଏହାକୁ ଲୁଟ କରିବା ଅସମ୍ଭବ ନୁହେଁ ।ଏଣୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ବ ।ରୁଦ ମାଗାଜିନ୍ ଗୋଦାମ କରିଥିବା ବ୍ୟବସାୟୀ ଙ୍କୁ ଡକାଇ ସୁରକ୍ଷା ବ୍ୟବସ୍ଥା ର ସମୀକ୍ଷା କରିଥିଲେ ।ଏସ ଡି ପି ଓ ପିଙ୍ଗୁଆ ଖଣିରେ ଥିବା ବ ।ରୁଦ ମାଗାଜିନ୍ ଗୁଡ଼ିକୁ ଯାଇ ପ୍ରତ୍ୟକ୍ଷ ଭାବେ ଯାଞ୍ଚ କରିବେ ଓ ଅନିୟମିତତା ଥିଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।ଏତଦବ୍ୟତୀତ ଝାଡ଼ଖଣ୍ଡ ସୀମାନ୍ତ ବର୍ତ୍ତି ଅଞ୍ଚଳରେ ରହିଥିବା ଖଣି ର ବା ।ରୁଦ ମାଗାଜିନ୍ ଗୁଡ଼ିକ ର ମଧ୍ୟ ସ୍ଵତନ୍ତ୍ର ଯାଞ୍ଚ କରାଯିବ ।ଅ ।ନ୍ତଃ ରାଜ୍ୟ ସୀମାନ୍ତ କୁ ହାଇ ଅ ।ଲର୍ଟ ରଖାଯାଇଛି ।

## ବେଆଇନ ବ୍ୟାନର ଓ ପୋଷ୍ଟର ମାରୁଥିବା ସଂସ୍ଥାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାୟଗଡ, ୨୯/୦୫ (ମହାଭାରତ) : ରାୟଗଡ ସଦର ମହକୁମାରେ ପୌର ପରିଷଦର ବିନାଅନୁମତିରେ ଯେଉଁ ସଂସ୍ଥା ବ୍ୟାନର ଓ ପୋଷ୍ଟର ମାରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛି ରାୟଗଡ ଜିଲ୍ଲା ବିକାଶ ମଞ୍ଚ । ଦୀର୍ଘ ଦିନ ହେଲା ରାୟଗଡ ସହରର ବିଭିନ୍ନ ସ୍ଥାନରେ କିଛି ବେସରକାରୀ ସଂସ୍ଥା, ଶିକ୍ଷା ଅନୁଷ୍ଠାନ ଓ ଅନ୍ୟାନ୍ୟ ସଂଗଠନ ସହରର ପ୍ରମୁଖ ସ୍ଥାନ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ବାସ ଭବନ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସରକାରୀ ବିଦ୍ୟାଳୟର କାନ୍ଥ ସହ ପୌର ପରିଷଦର ଥଣ୍ଡା ପାନୀୟ ଜଳ ମେସିନ ସହ ବିଭିନ୍ନ ବେସରକାରୀ କାର୍ଯ୍ୟାଳୟର କାନ୍ଥରେ ମନଇଚ୍ଛା ପୋଷ୍ଟାର ଓ ବ୍ୟାନର ମାରୁଥିବା ଦେଖିବାକୁ ମିଳିଛି । ପୌର ପରିଷଦ ଅଧୀନରେ ଏହି ସବୁ ବେନିୟମ କାର୍ଯ୍ୟ ହେଉ ଥିବା ବେଳେ ପୌର କର୍ମଚାରୀ ମାନେ ସବୁ ଜାଣି ମଧ୍ୟ କିଛି ନ ଜାଣିବା ପରି ରହୁଥିବା ଦେଖିବାକୁ ମିଳିଛି ।

## ନାଁ ବାଳିକାକୁ ଅପହରଣ ନେଇ ଥାନାରେ ମାମଲା

ବଅଁରପାଳ, ୨୯/୦୫ (ମହାଭାରତ) : ନାଲକୋ ଥାନା କାଣ୍ଡଶର ଗଉଡ ସାହିର ନାଲକୋ କର୍ମଚାରୀ ସୁଶିଲ ସାହୁ ବୟସ (୩୬) ଏହି ଇଲାକାରୁ ଜୈନିକା ନାଁ ବାଳିକାକୁ ମଙ୍ଗଳବାରଠାରୁ ଅପହରଣ କରିନେଇଥିବା ଆଜି ଝିଅର ପରିବାର ପକ୍ଷରୁ ମାମଲା ଦାୟର ହୋଇଛି। ପୋଲିସ୍ ଏ ଦିଗରେ ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁଶିଲ ଜଣେ ନାଲକୋ କର୍ମଚରୀ ସେ ବିବାହିତ ତାଙ୍କର ଗୋଟିଏ ୩ ବର୍ଷର କନ୍ୟା ସନ୍ତାନ ଅଛି । ତେବେ ଏଭଳି କାହିଁକି ଓ କଣ ପାଇଁ କଲେ ସୁଶିଲ ଧରା ପଡିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ସାମୁଲାଲ ଓରାମ କହିଛନ୍ତି।

## ଅଲ୍ଟ୍ରାସାଉଣ୍ଡ ରିପୋର୍ଟରେ ତ୍ରୁଟି ଅଭିଯୋଗ: ଦୁର୍ନୀତି ରୋକିବାରେ ବିଫଳ ଜିଲ୍ଲା ପ୍ରଶାସନ

ବଡଚଣା, ୨୯/୦୫ (ମହାଭାରତ) : ଧର୍ମଶାଳା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ସ୍ଵାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଦିନକୁ ଦିନ ସ୍ଵାସ୍ଥ୍ୟ କ୍ଷେତ୍ରରେ ନୂତନ ଭିତ୍ତିଭୂମି ସ୍ଥାପନା ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି ।କିନ୍ତୁ ଦୁଃଖର ବିଷୟ ଏଭଳି ସ୍ଥଳେ ଘରୋଇ ଡାକ୍ତରଖାନା ମାନେ ରୋଗୀଙ୍କୁ ତୀବ୍ର ମାତ୍ରାରେ ଶୋଷଣ କରୁଛନ୍ତି। ଯାହାକୁ ରୋକିବାରେ ଯାଜପୁର ଜିଲ୍ଲା ପ୍ରଶାସନ ବିଫଳ ହୋଇଛି । ତାହାର ଏକ ମାତ୍ର କାରଣ ସ୍ଵାସ୍ଥ୍ୟ ବିଭାଗରେ ବିଭିନ୍ନ ପଦ ପଦବୀରେ ନିୟୋଜିତ ଥିବା ଅଧିକାରୀ ମାନେ ହାତଗୁଞ୍ଜା ନେଇ ସବୁ ଭୁଲ୍ କୁ ଠିକ୍ ରେ ପରିଣତ କରାଇଦେଉଛନ୍ତି। ଯେଉଁଥିପାଇଁ ଲୋକ ଅଦାଲତରେ ସ୍ଵାସ୍ଥ୍ୟ ବିଭାଗ ଘୋର ବଦନାମ ମୁଣ୍ଡାଉଛି। ଖବର ରୁ ପ୍ରକାଶ ନିକଟ ଅତୀତରେ ଯାଜପୁର ଜିଲ୍ଲା, ଧର୍ମଶାଳା ବ୍ଲକ ଅଧିନ ଶାନ୍ତି ବଜାରରେ ?ଶ୍ରୀ ଜଗନ୍ନାଥ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ' ନାମରେ ଏକ ଘରୋଇ ଡାକ୍ତରଖାନା ରହିଅଛି। ଏହି ଡ଼ାକ୍ତରଖାନାରେ ବରଣ ଅପେକ୍ଷା ମରଣ ଅଧିକ ବୋଲି ଅଞ୍ଚଳବାସୀ ଅଭିଯୋଗ କରନ୍ତି। ଏହି ଡାକ୍ତରଖାନା ରୋଗୀ ମାନଙ୍କୁ ବିଭିନ୍ନ ଆଳ ଦେଖାଇ ଶୋଷଣ କରିବାରେ ମଧ୍ୟ ବହୁ ସୁଖ୍ୟାତି ରହିଛି। ଗତ ତା ୦୬/୦୪/୨୫ ରିଖରେ ପୂଜାରାଣୀ




ମଳିକ(୩୫) ନାମରେ ଜଣେ ମହିଳା ପେଟରେ ସାମାନ୍ୟ ଯନ୍ତ୍ରଣା ଅନୁଭବ ହେବାରୁ ସେ ଶ୍ରୀ ଜଗନ୍ନାଥ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ଯାଇଥିଲେ ।ସେଠାରେ ଥିବା ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡ଼ାକ୍ତର ବିଶ୍ଵ ରଞ୍ଜନ କର ଏହି ମହିଳାଙ୍କ ଉପଶମ ନିମନ୍ତେ ଚେକ୍ଅପ୍ କରିଥିଲେ। ଶ୍ରୀଯୁକ୍ତ କରଙ୍କ ପରାମର୍ଶ ଯେ ତୁମର ମାଂସ ଦିଲ୍ଲୀ ଯିବ ପରୀକ୍ଷା ପାଇଁ ରିପୋର୍ଟ ଆସିଲା ପରେ ଯାଇ ଅସ୍ତ୍ରୋପଚାର ହେବ। ରୋଗୀ - ଆମେ ବ୍ୟସ୍ତ ହୋଇ ପୁଣି ପଚାରିବାରୁ ସାର୍ କହିଲେ ୨୦ ହଜାର ଦିଅ ସଙ୍ଗେ ସଙ୍ଗେ ବିନା ଟେଷ୍ଟରେ ଅସ୍ତ୍ରୋପଚାର କରାଇଦେବି। ଆମେ ଗରିବ ଲୋକ ଆମ ପାଖରେ ଏତେ ପଇସା ନ ଥିବାରୁ ଆମେ କେବଳ ଅଲ୍ଟ୍ରାସାଉଣ୍ଡ କରି ପଳାଇ ଆସିଲୁ। ସନ୍ଦେହ କ୍ଲିଅର କରିବା ପାଇଁ ଆମେ ଟାଙ୍ଗୀ ପଦ୍ମିନୀ କେୟାର ହସ୍ପିଟାଲକୁ ଯାଇ ଡାକ୍ତର ପରାମର୍ଶ କଲୁ। ଡାକ୍ତର କହିବା ଅନୁଯାୟୀ ପୁନଶ୍ଚ ଅଲ୍ଟ୍ରାସାଉଣ୍ଡ କରାଇଲୁ । ରିପୋର୍ଟ ଦେଖି ଡାକ୍ତର କହିଲେ ଅପରେସନ ଜରୁରୀ ନାହିଁ ଔଷଦ ଖାଅ ଭଲ ହୋଇଯିବ। ଆମେ ଶ୍ରୀ ଜଗନ୍ନାଥ ହସ୍ପିଟାଲରେ କରିଥିବା ଅଲ୍ଟ୍ରାସାଉଣ୍ଡ ରିପୋର୍ଟ ମଧ୍ୟ ତାଙ୍କୁ ଦେଖାଇଲୁ, ରିପୋର୍ଟ ଦେଖି ଡ଼ାକ୍ତର କହିଲେ ଯେ ଏହି ରିପୋର୍ଟରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ ବା ଅଧା ଅଲ୍ଟ୍ରାସାଉଣ୍ଡ ହୋଇଛି। ଡାକ୍ତର ନୂଆ ରିପୋର୍ଟ ଅନୁଯାଇ ଔଷଧ ଦେଲେ, ଔଷଧ ସେବନ କରିବା ପରେ ମୁଁ ଉପଶମ ପାଇଛି ଏବଂ ଶ୍ରୀ ଜଗନ୍ନାଥ ହସ୍ପିଟାଲରୁ ଆଣିଥିବା ଔଷଧ ଫେରାଇବାକୁ ଯିବାରୁ ସେ ସଫା ସଫା ମନାକରିଦେଇଥିଲେ। ଏହି ତ୍ରୁଟିକୁ ଜାଣିବାପରେ ଧର୍ମଶାଳା ଅଞ୍ଚଳର ସାମାଜିକ କର୍ମୀ ସବ୍ୟସାଚୀ ସାହୁ ତା ୧୦.୦୪.୨୫ ରିଖରେ ପତ୍ର ଦ୍ଵାରା ଯାଜପୁର ଜିଲ୍ଲାପାଳ ପି. ଅନ୍ଵେଷା ରେଡ୍ଡୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହି ପତ୍ରକୁ ତଦନ୍ତ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟରୁ ଡାଏରୀ ନମ୍ବର୍ ୨୬୧୪ ରେ ଯାଜପୁର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ / ଜନସ୍ଵାସ୍ଥ୍ୟ ଅଧିକାରୀ (ସି ଡ଼ି ଏମ୍ ଓ/ ପି ଏଚ ଓ) ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ବଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀଯୁକ୍ତ ବଳଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇ ତା ୩୦.୦୪.୨୫ ରିଖରେ ଶ୍ରୀ ଜଗନ୍ନାଥ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ଦୀର୍ଘ ୩/୪ ଘଣ୍ଟା ଧରି ତନତନ କରି ଯାଞ୍ଚ କରାଯାଇଥିଲା। ବଡ଼ ଦୁର୍ଭାଗ୍ୟ ର ବିଷୟ ଆଉ ଦିନ କେଇଟା ପରେ ତଦନ୍ତକୁ ମାସେ ପୁରିବ କିନ୍ତୁ ତଦନ୍ତ ରିପୋର୍ଟ ଅଭିଯୋଗକାରୀ ସବ୍ୟସାଚୀ ସାହୁଙ୍କୁ ଅଦ୍ୟାବଧି ମିଳିନଥିବା ଶ୍ରୀ ସାହୁ ଅପିଲ୍ କରିଛନ୍ତି। ଆହୁରି ମଧ୍ୟ ଶ୍ରୀ ସାହୁ ଅଭିଯୋଗ କରନ୍ତି ଯେ ସେ ଯେତେବେଳେ ତଦନ୍ତ ରିପୋର୍ଟ କାହିଁକି ଦିଆଯାଇନାହିଁ ବୋଲି ବୁଝିବାକୁ ସି ଡ଼ି ଏମ୍ ଓ କାର୍ଯ୍ୟାଳୟକୁ ଯାଆନ୍ତି, ସେତେବେଳେ ଜିଲ୍ଲା ମୁଖ୍ୟ ସ୍ଵାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ବଳ ତାଙ୍କୁ କୁହନ୍ତି ଯେ ସବ୍ୟସାଚୀ ଜଣଙ୍କ ବିରୋଧରେ ଏତେ ଖୁଲାସା କରିବା ଠିକ୍ ନୁହେଁ,କାଇଁ ତମେ ତାଙ୍କ ପଛରେ ପଡିଛ,ବନ୍ଧୁକ ଠାରୁ କଲମର ପାୱାର ଅଧିକ ତମେ ଜାଣିଛ, ଆଜି ଭଲ ଅଛି ମନ୍ଦ ଅଛି। ଏମିତି ବିଭିନ୍ନ ପ୍ରକାର କଥା କହି ଶ୍ରୀ ସାହୁଙ୍କୁ ବୁଝାଇବା ଓ ଧମକାଇ ଚୁପ୍ କରିବା ପାଇଁ ମଧ୍ୟ ଶ୍ରୀଯୁକ୍ତ ବଳ ବହୁ ଚେଷ୍ଟା କରିଥିବା ସବ୍ୟସାଚୀ ସାହୁ କହିଛନ୍ତି। ଏମିତି ହେବା ଦ୍ଵାରା ସାମାଜିକ କର୍ମୀଙ୍କ କଣ୍ଠରୋଧ ଓ ଦୁର୍ନୀତିକୁ ପ୍ରଶୟ ଦେଉଛନ୍ତି ଖୋଦ ସି ଡ଼ି ଏମ୍ ଓ। ଶୁଣିବାକୁ ମିଳେ ଜିଲ୍ଲା ସ୍ଵାସ୍ଥ୍ୟ ବିଭାଗ ୭୦ ହଜାର ଟଙ୍କା ନେଇ ଭୁଲ୍ କୁ ଠିକ୍ କରିବା ପାଇଁ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏପରି ହେବାରୁ ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ହୁଏ ମୋଟା ଅଙ୍କର ଟଙ୍କା ଓ ମାସିକିଆରେ ମ୍ୟାନେଜ ଯାଜପୁର ଜିଲ୍ଲା ସ୍ଵାସ୍ଥ୍ୟ ବିଭାଗ। ଘରୋଇ ଡାକ୍ତରଖାନା ପ୍ରତି ସ୍ଵାସ୍ଥ୍ୟ ବିଭାଗର ଗୁଆଦିଆ ବନ୍ଧୁପରି ନିବିଡ଼ ବନ୍ଧୁତ୍ୱ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଚର୍ଚ୍ଚା ହେଲାଣି। ଏଭଳି ହେଲେ ଘରୋଇ ଡାକ୍ତରଖାନା ମାନେ ଆଉ ଦୁର୍ନୀତି କରିବାକୁ ପଛାଇବେ ନାହିଁ, ତାଙ୍କ ମୁହଁ ବଢ଼ିଯିବ। ସାଧାରଣ ଲୋକ, ଖଟିଖିଆ, ଦିନ ମଜୁରିଆ ଅଯଥାରେ ବଳି ପଡ଼ିଯିବେ। ଏମିତି ଟଙ୍କାରେ ଯଦି ସବୁ ଅସମ୍ଭବ ସମ୍ଭବ ହୁଏ ତେବେ ସରକାର ଓ ବିଧି ବ୍ୟବସ୍ଥା ରୁ ଲୋକେ ଭରସା ତୁଟାଇଦେବେ ।ନୂତନ ସରକାର ଲୋକ ଅଦାଲତରେ ଆଲୋଚନାର ଶିକାର ହେବେ। ଦୁର୍ନୀତି ଗ୍ରସ୍ତ ଅଧିକାରୀ ଓ ଦୁର୍ନୀତି କରୁଥିବା ଡାକ୍ତରଖାନା ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ଜୋର ଧରିଛି।

## କୋକସରା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ



କୋକସରା, (ମହାଭାରତ): କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସାଂସଦଙ୍କ ପ୍ରତିନିଧି ଭାବେ ପ୍ରମୋଦ ପ୍ରଧାନୀ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ,ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ପାତ୍ର, ଆମପାଣି ଜୋନ ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ମାଝୀ ପ୍ରମୁଖ ବୈଠକରେ ଯୋଗଦେଇଥିଲେ । ବିଗତ ଦିନରେ ଗ୍ରାମସଭା ଦ୍ୱାରା ପାରିତ ହୋଇଥିବା ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର କାର୍ଯ୍ୟଖସଡ଼ା ର ଅନୁଦାନ ଆସିଥିବା ୨୪-୨୫ ଆର୍ଥିକ ବର୍ଷର ୨ କୋଟି ୮୯ ଲକ୍ଷ ୬୫ ହଜାର ଟଙ୍କା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ଆସିଥିବା ଓ କାର୍ଯ୍ୟ ସମ୍ପାଦନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବର୍ଷା ଦିନରେ ଗମନା ଗମନ ର ସୁବିଧା କୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ କରିବାକୁ ଆଲୋଚନା ହୋଇଥିଲା । ବ୍ଲକ ର ସମସ୍ତ ପଞ୍ଚାୟତ ର ସରପ□ ସମିତି ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । କିଛି ପଞ୍ଚାୟତର ଜନ ପ୍ରତିନିଧି ଦେଇ ଥିବା ପ୍ରସ୍ତାବ ପାରିତ ହୋଇନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା ।

# ବିଲୁପ୍ତ ଦ୍ୱାରଦେଶରେ 'ନେପାଳୀ ମୂଷା'

## ସୌଖୀନ ସାମଗ୍ରୀ ପାଇଁ ଶିକାର କରୁଛନ୍ତି ମାଫିଆ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ବିଭିନ୍ନ ବନାଞ୍ଚଳ ଉପରେ ସର୍ବଦା ମାଫିଆଙ୍କ ଲୋଲୁପ ଦୃଷ୍ଟି ରହି ଆସିଛି । ମାଫିଆ ଆଞ୍ଚଳିକ (ଟେରିଟୋରିଆଲ୍) ସମେତ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଅଭୟାରଣ୍ୟ ମଧ୍ୟରୁ ମୂଲ୍ୟବାନ କାଠ ଚୋରି ଠାରୁ ଆରମ୍ଭକରି କଲରାପତରିଆ ବାଘ, ହାତୀ, ବଜ୍ରକାପ୍ତା, ପାହାଡ଼ି ଗୋଧି ଓ ବାଘ ବିରାଡ଼ି ଭଳି ଦୁର୍ଲଭତଥା ମୂଲ୍ୟବାନ ପ୍ରାଣୀଙ୍କୁ ଶିକାର କରିଥାନ୍ତି । ଏସବୁ ମଧ୍ୟରେ ବାଇଶିପଲ୍ଲୀ ଓ ସାତକୋଶିଆ ଅଭୟାରଣ୍ୟରେ ବହୁଳ ଭାବେ ଦେଖା ଯାଉଥିବା ନେପାଳୀ ମୂଷା (ଜେ□ ସ୍କୁଲରେଲ୍) ଙ୍କ ଉପରେ ମାଫିଆଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି । 'ନେପାଳୀ ମୂଷା' ରଙ୍ଗିନ୍ ପ୍ରଜାତିର ଏହା ଘଞ୍ଚ ଜଙ୍ଗଲର ବଡ଼ବଡ଼ ଗଛରେ ଦେଖାଯାଆନ୍ତି । ବିଶେଷକରି ଘଞ୍ଚ ଜଙ୍ଗଲ ଅପେକ୍ଷା ବୁଦୁବୁଦୁକିଆ ତଥା ଲଟାବୁଦା ଘେରା ଜଙ୍ଗଲ ସେମାନଙ୍କୁ ବେଶ୍ ସୁହାଇଥାଏ । ଏହି ମୂଷା ଯେଉଁ ଜଙ୍ଗଲରେ ଦେଖାଯାଆନ୍ତି ସେଠାକାର ଜୈବ ବିବିଧତା ଠିକ୍ ଥିବା ଧରାଯାଇଥାଏ । ଯାହାକି ବାଣିଗୋଛା (ପଶ୍ଚିମ) ବନାଞ୍ଚଳ ଅଧୀନସ୍ତ ଶାଳଭଙ୍ଗା ନିକଟସ୍ଥ ସାତପୁରୀ ଜଙ୍ଗଲରେ ବହୁ ସଂଖ୍ୟାରେ ଦେଖା ଯାଆନ୍ତି । କିନ୍ତୁ ଏବେ ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି । ଜଙ୍ଗଲ ମଧ୍ୟରେ ଏକ ଭିନ୍ନ ଧରଣର ଶବ୍ଦ କରି ଏସବୁ ମୂଷା ନିଜର ଅବସ୍ଥିତି ଜାହିର କରିଥାନ୍ତି । ବରଗଛର ଫଳ ସମେତ ଶାଳ ଫଳ, ଟୋଲ ଓ ଆମ୍ବ ଆଦି ଏମାନଙ୍କର ମୁଖ୍ୟ ଖାଦ୍ୟ । ବଡ଼କଥା ହେଉଛି ଏସବୁ ମୂଷାଙ୍କ ଅନ୍ତର୍ଜାତୀୟ ବଜାରରେ ଏହାର ବେଶ୍ ଚାହିଦା ରହିଛି । ଗୋଟିଏ ଚମଡ଼ା ପ୍ରାୟ ୫ହଜାରରୁ ଅଧିକ ଟଙ୍କା ହେଉଥିବା ଜଣାପଡ଼ିଛି । ବିଭିନ୍ନ ଦାମୀ ସୌଖୀନ ଦ୍ରବ୍ୟ ତଥା ଭ୍ୟାନିଟି, ପର୍ସ ଓ ଘରୋଇ ସାଜସଜ୍ଜାରେ ବ୍ୟବହୃତ ସାମଗ୍ରୀ ପ୍ରସ୍ତୁତିରେ ଏହାର ଚମଡ଼ା ବେଶ୍ ସହାୟକ ହୋଇଥାଏ । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଘଞ୍ଚ ଜଙ୍ଗଲ ମଧ୍ୟରେ ଏସବୁ ମୂଷା ବହୁ ସଂଖ୍ୟାରେ ଦେଖା ଯାଉଥିବା ହେତୁ ଏହାକୁ ଶିକାର କରିବା ପାଇଁ ବିଭିନ୍ନ ସମୟରେ ଶିକାରୀ ମାନେ ଜଙ୍ଗଲରେ ପଇଁତରା ମାରୁଥିବା ସ୍ଥାନୀୟ ଅଧିବାସୀଙ୍କ ଠାରୁ ସୂଚନା ମିଳିଛି । ବିଷାକ୍ତ ସାମଗ୍ରୀ ପ୍ରୟୋଗ ସହ ବିଭିନ୍ନ ଉପାୟରେ ଏହି ମୂଷାକୁ ଶିକାର କରାଯାଇଥାଏ । ଏହି ମୂଷା ମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉନଥିବା ବେଳେ ଶିକାରୀ ମାନେ ଏହାକୁ ଶିକାର କରିବାର ସୁଯୋଗ ପାଉଛନ୍ତି । ଫଳରେ ଏସବୁ ମୂଷା ଏବେ ବିଲୁପ୍ତ ହେବାକୁ ବସିଲାଣି । ଏଦିଗରେ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ପରିବେଶବିତ ତଥା ବୁଦ୍ଧିଜିବୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି । ଏସମ୍ପର୍କରେ ବାଣିଗୋଛା (ପଶ୍ଚିମ) ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆଙ୍କ କହିବା ଅନୁଯାୟୀ ଏସବୁ ମୂଷା ଜଙ୍ଗଲରେ ବହୁ ମାତ୍ରାରେ ଦେଖାଯାଆନ୍ତି । ଯାହାକି ବୁଗୁଡ଼ା ନିକଟବର୍ତ୍ତୀ ଅଞ୍ଚଳ ସମେତ ବିଭିନ୍ନ ଜଙ୍ଗଲରେ ଦେଖା ଯାଉଛନ୍ତି । ଏସବୁର ସୁରକ୍ଷା ପାଇଁ ସର୍ବଦା ଦୃଷ୍ଟି ଦିଆଯାଉଥିବା ବେଳେ ଶିକାରୀଙ୍କ ଗତିବିଧି ନେଇ କୌଣସି ସୂଚନା ନଥିବା କହିଛନ୍ତି ।

## ସା-ରେ-ଗା-ମା ଭବନ ରେ କର୍କଟ ରୋଗ ନିରାକରଣ ସଚେତନତା ଶିବିର



ଅନୁଗାଳ (ମହାଭାରତ):ଅନୁଗୁଳ ନାଲକୋନଗର ସ୍ଥିତ ସେବା ଓ ସାଂସ୍କୃତିକ ର ଅଗ୍ରଣୀ ଅନୁଷ୍ଠାନ ସାରେଗାମା ପ୍ରଯୋଜିତ ଏକ କର୍କଟ ରୋଗ ନିରାକରଣ ସଚେତନତା ଶିବିର ଆୟୋଜନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଟି ସାରେଗାମା, ପଣ୍ଡା କ୍ୟାନ୍ସର ହସ୍ପିଟାଲ, ସ୍ୱେଚ୍ଛାସେବୀ ସଂଗଠନ ସ୍ପନ୍ଦନ ର ସଦସ୍ୟ ଶ୍ରୀ ବିଭୁ ପ୍ରସାଦ ଶତପଥୀ ଓ ସମାଜ ସେବୀ ଡ଼କ୍ଟର ଗୀତାରାଣୀ ପ୍ରଧାନ ଙ୍କ ମିଳିତ ସହଯୋଗ ରେ ଅନୁଷ୍ଠିତ ହୋଇଥିଲା । ଶିବିର କାର୍ଯ୍ୟକ୍ରମ ଟିକୁ ମୁଖ୍ୟ ଅତିଥି ନାଲକୋ ର ସମୂହ ମହାପ୍ରବନ୍ଧକ ( ସି ପି ପି ) ତଥା ସାରେଗାମା ର ମୁଖ୍ୟ ପରାମର୍ଶଦାତା ଶ୍ରୀ ସତ୍ୟବାଦୀ ମିଶ୍ର ଓ ସାଧାରଣ ସମ୍ପାଦକ ଶ୍ରୀ ଅତିଥି ରଞ୍ଜନ ସ୍ୱାଇଁ ଙ୍କ ଦ୍ୱାରା ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପଣ୍ଡା କ୍ୟାନ୍ସର ହସ୍ପିଟାଲ ର ବରିଷ୍ଠ ଚିକିତ୍ସକ ଓ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଶ୍ରୀଗୋପାଳ ମହାନ୍ତି ଶିବିର ପରିଚାଳନା କରିଥିଲେ । ଶିବିର ରେ ବିଶେଷ ଭାବେ କର୍କଟ ରୋଗ ର ପ୍ରାରମ୍ଭିକ ଲକ୍ଷଣ, ପ୍ରକାର , ସ୍ତର, ନିରାକାରଣ, ଖାଦ୍ୟ ଶୈଳୀ, ପରିବେଶ, ଚିକିତ୍ସା ପ୍ରଣାଳୀ ଓ ନୂତନ ଚିକିତ୍ସା ଜ୍ଞାନ କୌଶଳ ର ବିଶେଷ ଆଲୋକପାତ କରିଥିଲେ ବଂଶାନୁକ୍ରମିକ ସମ୍ଭାବନା, ଲକ୍ଷଣ ଓ ଏହାର ନିରାକାରଣ ତଥା ବିଭିନ୍ନ ଯୋଗ, ବ୍ୟାୟାମ ପ୍ରତି ଆଲୋଚନା କରିଥିଲେ । ଶତାଧିକ ସଂଖ୍ୟା ରେ କର୍ମଚାରୀ ଓ ତାଙ୍କ ପରିବାର ବର୍ଗ ଯୋଗଦାନ କରି ସଚେତନ ଶିବିର ରେ ପ୍ରତାକ୍ଷ୍ୟ ଆଲୋଚନା କରିଥିଲେ । ପରିଶେଷରେ ନାଲକୋ ର ବରିଷ୍ଠ ପ୍ରବନ୍ଧକ ତଥା ସାରେଗାମା ର ଉପ ସଭାପତି ଶ୍ରୀ କିଶୋର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଟିକୁ ଅଜୟ ମହାରଣା, ପ୍ରଦୀପ୍ତ ସାହୁ, ଭବେଶ ସେଠ୍, ଜିତେନ୍ଦ୍ର ଆଲୁକ, ସୁକାନ୍ତ ନାୟକ, ରମେଶ ସାହୁ, ପ୍ରଶାନ୍ତ ଦେହୁରୀ, ଅଭିଷେକ ପାଢ଼ୀ, ପ୍ରଶାନ୍ତ ସାହୁ, ଦୀପକ ସାମଲ, ଶ୍ରୀନିବାସ ସାହୁ, ଦେବୀ ପ୍ରସାଦ ମହାପାତ୍ର , ନଳିନୀ କାନ୍ତ ପଣ୍ଡା, ଅବିନାଶ ପ୍ରଧାନ, ହରେକୃଷ୍ଣ ନାଥ, ଗୌତମ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ସାରେଗାମା ଅନୁଷ୍ଠାନ ର ଏଭଳି ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କୁ ସାଧାରଣ ମହଲ ରେ ଭୁୟସୀ ପ୍ରଶଂସା କରାଯାଉଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ପରେ ଚନ୍ଦିଖମଣ ଗ୍ରାମରେ ପହଞ୍ଚିଲା ପ୍ରଶାସନ



କରଞ୍ଜିଆ,(ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତ ଚନ୍ଦିଖମଣ ଗ୍ରାମର ଗ୍ରାମବାସୀ ମାନେ ଗତକାଲି ବାରିପଦା ଯାଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମର ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଉଭୟ ମହିଳା ଓ ପୁରୁଷ ମାନେ ଧାରଣା ରେ ବସିବା ସହିତ କାର୍ଯ୍ୟାଳୟ ବାରଣ୍ଡା ରେ ବସି ପଖାଳ ଖାଇଥିଲେ । ଜିଲ୍ଲାପାଳ ଙ୍କ ପ୍ରତିଶ୍ରୁତି ପରେ ସେମାନେ ଗ୍ରାମକୁ ଫେରିଥିଲେ ।ଗୋଟିଏ ଦିନ ପରେ ଗୁରବାର ସକାଳେ ସମସ୍ୟା ବୁଝିବା ପାଇଁ ପ୍ରଶାସନ ର କର୍ମଚାରୀ ମାନେ ଚନ୍ଦିଖମଣ ଗ୍ରାମରେ ପହଞ୍ଚି ଥିଲେ । ପ୍ରଶାସନ ପକ୍ଷରୁ କରଞ୍ଜିଆ ପିଏ ଆଇଟି ଡିଏ ଚି□ରଞ୍ଜନ ମହାନ୍ତ, ଠାକୁରମୁଣ୍ଡା ବିଡ଼ିଓ ସପନେଶ୍ୱର ବେହେରା,ତହସିଲଦାର ସମ୍ପିତ କୁମାର କର,ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା,ସମେତ ଅନ୍ୟାନ୍ୟ ବିଭାଗ ର ଅଧିକାରୀ ଉପସ୍ଥିତ ରହି ଗ୍ରାମର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।ଗ୍ରାମର ଗ୍ରାମବାସୀ ମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ,ଗ୍ରାମର ପାନୀୟ ଜଳ ବ୍ୟବସ୍ଥା,ଶିକ୍ଷା ବ୍ୟବସ୍ଥା, ସହିତ ଚାଷ କାର୍ଯ୍ୟ ପାଇଁ ଏମ ଜି ଏନ ଆର ଜିଏସ ଯୋଜନା ରେ ଜମି ଉନ୍ନତି କରଣ ,ଜଳସେଚନ ବ୍ୟବସ୍ଥା ରାସ୍ତା ଘାଟର ଅବସ୍ଥା ନେଇ ଅବଗତ ହୋଇ ଫେରିଥିଲେ । ଗ୍ରାମ ବାସୀଙ୍କୁ ଛେଳି ଚାଷ, ଛତୁ ଚାଷ, ସିଲେଇ ଶିକ୍ଷା ଓ ଖଳି ପ୍ରେସ ତିଆରି ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରାମବାସୀ ସହିତ ଆଲୋଚନା ହୋଇଥିଲା । ତେବେ ଏ ସମସ୍ୟା ର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆସନ୍ତା ୩୧ ତାରିଖ ଦିନ ଶତନ୍ତ ବୈଠକ ଧାର୍ଯ୍ୟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା । ବିବାଦ ନଥିବା ଜମି ରେ ଚାଷ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବି ବୋଲି ପି ଏ ଆଇ ଟି ଡି ଏ କରଞ୍ଜିଆ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଥାଉକି କେଶଡ଼ିହା ଗ୍ରାମର ହମଲେଟ ଚନ୍ଦିଖମଣ ଗ୍ରାମରେ ୪୨ ଟି ଆଦିବାସୀ ପରିବାର ର ପ୍ରାୟ ୨୫୦ ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି ।ଗ୍ରାମର ଲୋକ ମାନେ ଜଙ୍ଗଲ ଜମି ଟିକଟ ପାଇ ଥିବା ବେଳେ କେଶଡ଼ିହା ଗ୍ରାମର ଲୋକ ମାନେ ତାଙ୍କ ଗ୍ରାମକୁ ଆସି ସେମାନଙ୍କ ଜମି କୁ ଜୋର ଜବରଦସ୍ତ ଦାଖଲ କରି ଚାଷ କରୁଛନ୍ତି ।ଫଳରେ ସେମାନଙ୍କର ଜମି ହରାଇ ଜୀବିକା ରେ ବାଧା ଉପୁଜିଛି ।ଏହି ଜଙ୍ଗଲ ଜମି କୁ ନେଇ କେଶଡ଼ିହା ଓ ଚନ୍ଦିଖମଣ ଗ୍ରାମବାସୀ ଙ୍କ ମଧ୍ୟରେ ଗତ ୨୦୨୪ ଜୁଲା । ମାସରେ ଗଣ୍ଡଗୋଳ ଘଟି ଜଣେ ମୃତ୍ୟୁ ଘଟିଥିଲା ।ଏହି ଜମି ବିବାଦ ଉଚ୍ଚ ନ୍ୟାୟାଳୟ ରେ ବିଚାରଧୀନ ରହିଛି । ବିବାଦୀୟ ଜମିରେ ଉଭୟ ପକ୍ଷ ଚାଷ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛି । ଜମି ହରାଇଥିବା ଗ୍ରାମବାସୀ ମାନଙ୍କ ସମସ୍ୟା ସମାଧାନ ହୋଇ ପାରୁ ନଥିବା ବେଳେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଯାଇ ପହଞ୍ଚି ଥିଲେ ଗ୍ରାମବାସୀ ମାନେ ।

## ଗ୍ରାମ ପଞ୍ଚାୟତ ତରଫରୁ ପ୍ରଥମ ପର୍ଯ୍ୟାୟ ରେ ୧୭ଜଣ ପରିବା ବେପାରି କୁ ଥଇଥାନ




ବିଷମ କଟକ (ମହାଭାରତ) ରାୟଗଡା ଜିଲ୍ଲା ବିଷମ କଟକ ସଦର ମହକୁମା ମୁଖ୍ୟ ରାସ୍ତା ରେ ଖରା,ବର୍ଷା ରେ ବୋହୁ ଅସୁବିଧାରେ ବସି ପରିବା ବ୍ୟବସାୟ କରୁଥିଲେ ପରିବା ବିକାଳୀ । ଏହାକୁ ଦୃଷ୍ଟି ରେ ରଖି ଗ୍ରାମ ପଞ୍ଚାୟାତ ତରଫରୁ ସ୍ଥାଇ ଭାବରେ ପରିବା ବିକ୍ରି ପାଇଁ ଦୋକାନ ଗୃହ ନିର୍ମାଣ ହୋଇଥିଲା । ଆଜି ସମସ୍ତ ପରିବା ବେପାରି କୁ ଡାକି ଦୋକାନ ଗୃହ ବଣ୍ଟନ କରାଯାଇଛି । ସ୍ଥାନୀୟ ସରପଞ୍ଚ ନମିତା କୁଲୁସିକା, ନାଇବ ସରପଞ୍ଚ ଜି. ପ୍ରଦୀପ କୁମାର, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଯୁବ ନେତା ରାଜକିଶୋର ପଟନାୟକ, ଇଷାକ ଭକ୍ଷତ୍ରା, ସୂବେନ୍ଦୁ ନାରାୟଣ ଚୌଦ୍ରୀ, ସମର ସାହୁ, ପି.ରାମୁ ପ୍ରମୁଖ ଗ୍ରାମ ବାସି ଉପସ୍ଥିତ ରହି ପ୍ରଥମ ପ୍ରର୍ଯ୍ୟାୟ ରେ ୧୭ ଜଣ ଦୋକାନୀ କୁ ଦୋକାନ ଗୃହ ବଣ୍ଟନ କରିଥିଲେ । ଦୀର୍ଘ ଦିନ ହେବ ବୋହୁ ଅସୁବିଧା ରେ ମୁଖ୍ୟ ରାସ୍ତା ରେ ବସି ବ୍ୟବସାୟ କରୁଥିଲେ । ଆଜି ପରିବା ବ୍ୟବସାୟୀ ସରପଞ୍ଚ ଶ୍ରୀମତୀ ନମିତା କୁଲୁସିକା କୁ ଧନ୍ୟବାଦ ଜଣାଇଥିଲେ ।

## ବ୍ରେକ୍ ଫେଲ୍ ଯୋଗୁଁ ଓଲଟିଲା ଇଟା ବୋଝେଇ ଟ୍ରକ ,୫ ଆହତ



ନାରାୟଣପାଟଣା (ମହାଭାରତ)- ଏକ ଇଟା ବୋଝେଇ ଟ୍ରକ ପୋଡୋଶୀ ମାକୁଆ ରୁ ନାରାୟଣପାଟଣା ଆସୁଥିବା ବେଳେ କୁମ୍ଭାରୀ ପଚାୟତ ବାଗାମ୍ ଘାଟିରୁ ବ୍ରେକ ଫେଲ୍ ହୋଇଯିବାର ରାସ୍ତା ତଳକୁ ଖସିପଡି ଡ୍ରାଇଭର ସମେତ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ଙ୍କୁ ଆମ୍ବୁଲାନ୍ସ ସହାୟତାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇ ଚିକିତ୍ସା ପରେ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ନିଜ ଗାଁ କୁ ନେଇଯାଇଛନ୍ତି ।ଦୁଇ ବନ୍ଧୁ ଙ୍କ ବୁଦ୍ଧି ଯୋଗୁଁ ସ୍ଥାନୀୟ ଗ୍ରାମବାସୀ ସହାୟତାରେ ୫ଟି ମୁଲ୍ୟବାନ ଜୀବନ ବଚେଂଇବାରେ ସହାୟକ ସୋଇଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।ଆଜି ଦିନ ୧୨ଟା ବେଳେ ଆନ୍ଧ୍ରପ୍ରଦେଶ ର ମାକୁଆ ରୁ ନାରାୟଣପାଟଣା କୁ ଏପି୩୧ଟିଟି ୩୮୮୮ ନାମକ ଟ୍ରକ ରେ ଇଟା ବୋଝେଇ ହୋଇ ଆସୁଥିବା ଘର କାମ ପାଇଁ । ବାଗାମ୍ ଘାଟି ଓହ୍ଲାଇବା ବେଳେ ବ୍ରେକ୍ ଫେଲ ହୋଇଯାଇଥିଲା ଟ୍ରକ ର । ଡ୍ରାଇଭର ଗିୟର ଜରିଆରେ ସାବଧାନତାର ସହ ଗାଡ଼ି ଘାଟିରୁ ଓହ୍ଲାଇବାକୁ ଚେଷ୍ଟା କରିଥିଲେ । ଗାଡ଼ି ଇଟା ଲୋଡ୍ ସହ ଦୃତ ଗତି ଥିବାରୁ ଅସଫଳ ହେବାରୁ ଗାଡ଼ି ଭାରସାମ୍ୟ ହରେଇ ରାସ୍ତା ରେ ଗୋଟେ ଛେଳି ଓ ଦୁଇଟି ଗାଇ କୁ ଧକ୍କା ଦେଇ ରାସ୍ତା କଡକୁ ଛିଟିକି ପଡିଥିଲା ।ଯାଞ୍ଚ ଫଳରେ ଟ୍ରକ ର ଇଟା ବୋଝେଇ ଉପରେ ୪ଶ୍ରମିକ ଛିଟିକି ପଡ଼ିଥିଲେ । ଡ୍ରାଇଭର ସମେତ ୫ ଜଣ ଉପରେ ଇଟା ସବୁ ଲଦି ହୋଇଯାଇଥିଲା । ସେମାନେ ହେଲେ ମାକୁଆ ଗ୍ରାମର ସିକାଟି ତିରୁପତି,କୁଲି ବେଙ୍କଟ ରାବଣା,(ପାର୍ବତିପୁର),କୁନିଟି ସୁରୀ ନାରାୟଣ (ଡ୍ରାଇଭର)(ମାକୁଆ),ସୁରୀ ନାରାୟଣ,ସି ଏଚ୍ ଇଶ୍ୱର ରାଓ ।ଏହି ୫ ଜଣ ଚାପି ସୋଇ ଚିତ୍କିର କରୁଥିଲେ ।ଠିକ୍ ଏହି ସମୟରେ ଜଣେ ସାମ୍ବାଦିକ ଦିଲିପ୍ ଦାସ୍ ଓ ଜଣେ ଠିକାଦାର ଅଜିତ ସୁବୁଦ୍ଧି ସେହି ରାସ୍ତା ଦେଇ ଯାଉଥିବାର ବେଳେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ର ଦୃଶ୍ୟ ଦେଖି ଅଟକି ଯାଇଥିଲେ । ଚିତ୍କାର ଶୁଣି ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ କୁ ଫୋନ କରି ଥିଲେ ।ପାଖ ଗାଁ କୁ ଯାଇ ସାହାଯ୍ୟ ପାଇଁ ଗାଁ ଲୋକଙ୍କୁ ଡାକିଥିଲେ ।ଇଟା ତଳେ ଚାପି ହୋଇଥିବା ଶ୍ରମିକ ଙ୍କୁ ଉଧାର ରେ ସହଯୋଗ କରିଥିଲେ ଗ୍ରାମବାସୀ ଓ ଦୁଇବନ୍ଧୁ । କିଛି ସମୟପରେ ଅଗ୍ନିଶମ ବିଭାଗ ର ଟିମ୍ ପହଂଚି ରେସ୍କ୍ୟୁ କରିଥିଲେ ।୪ଜଣ ଶ୍ରମିକ ଆଣ ନିଃଶ୍ୱାସ ହୋଇ ଚାପି ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ରେ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା ।ଡ୍ରାଇଭର ଗାଡ଼ି ଓ ଇଟା ଭିତରେ ଚାପି ହୋଇ ରହିଥିବା ବେଳେ ଦୀର୍ଘ ସମୟ ପରେ ଉଦ୍ଧାର କରିଥିଲେ ଅଗ୍ନିଶମ ବିଭାଗ କର୍ମଚାରୀ ।ସେମାନଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ହୋଇଛି ।ଘଟଣା ସ୍ଥଳରେ ପୋଲିସ ଟିମ୍ ପହଂଚି ତଦନ୍ତ କରୁଛନ୍ତି । ମେଡିକାଲ ରେ ଚିକିତ୍ସା ପରେ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ପୋଡୋଶୀ ବିଶାଖାପାଟଣା କୁ ଗାଡ଼ି ଭଡ଼ା କରି ନେଇଯାଇଥିବା ଜଣା ପଡିଛି । ଅନ୍ୟପକ୍ଷରେ ଦୁଇ ବନ୍ଧୁ ଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ୫ ମୂଲ୍ୟବାନ ଜୀବନ ବଚେଂଇବାରେ ସହାୟ ହୋଇଥିବାରୁ ଗ୍ରାମବାସୀ ସାଧୁତା ବାଦ ଜଣେଇଛନ୍ତି ।

## ସରକାରି ପ୍ରସ୍ନୟହନ ଅଭାବରୁ ହଜିବାକୁ ବସିଲାଣି କମାରଶାଳ

- ଗଜପତି ଜିଲ୍ଲାର ପୁରପଲ୍ଲୀରେ କମାର ଶାଳ ରହିଥିଲା । ବର୍ତ୍ତମାନ ପ୍ରତି ଗ୍ରାମରେ କମାରଶାଳ ହଜି ବସିଲାଣି । ଗ୍ରାମଗୁଡିକରେକମାର ଶାଳରେ ଆଉ ଠକ ଠକ ଶବ୍ଦ ଶୁଭୁନାହିଁ ।ଚାଷ କାର୍ଯ୍ୟ ପୂର୍ବରୁ ଚାଷୀ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା କୋଦାଳ,କାତି, ଲଙ୍ଗଳ, ଦାଆ, ଶାବଳ ଇତ୍ୟାଦି କମାରଶାଳକୁ ନେଇ ପର୍ଜେଇ ଥାଏ ।କମାର ଶାଳକୁ ନେଲେ କମାରମାନେ ନିଆଁରେ ପୋଡି ତାକୁ ବାଡେଇ ଧାରୁଆ କରିଥାଏ ।ତା ପରେ ଚାଷୀ ଏହାକୁ ଚାଷ କରିବାରେ ବ୍ୟବହାର କରିଥାଏ ।ପାରଳାଖେମୁଣ୍ଡି ସହରର ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଚାରୋଟି ପରିବାରର କମାର ଶାଳ ଦେଖିବାକୁ ମିଳିଛି ।ସେମାନେ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ସାମଗ୍ରୀ ତିଆରି କରୁଥିବା ଦେଖିବାକୁ ମିଳିଛି ।

## ବିଦ୍ୟୁତ ସଂସ୍ପର୍ଶରେ ବଳଦର ମୃତ୍ୟୁ

ଲାଞ୍ଜିଗଡ,(ମହାଭାରତ)ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ କରନ ମୁଣ୍ଡା ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । କରନ ମୁଣ୍ଡା ଗାଁର ଦାନ ମାଝୀଙ୍କ ଗୋଟିଏ ବଳଦ କରନମୁଣ୍ଡା ଗାଁ ନିକଟସ୍ଥ ଟ୍ରାନ୍ସଫର୍ମର ପାଖରେ ଆଜି ସକାଳୁ ଚରୁଥିବା ସମରେ ବିଦ୍ୟୁତ ସଂସ୍ପର୍ଶ ରେ ଆସି ଘଟଣାସ୍ଥଳରେ ହିଁ ବଳଦର ମୃତ୍ୟୁ ଘଟିଛି । ତେବେ ଟ୍ରାନଫର୍ମର ରେ ଚାରିପଟେ କୌଣସି ପାଚେରୀ ନ ଥିବା ଯୋଗୁଁ ଏହି ଭଳି ଅଭାବନୀୟ ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ସରକାରଙ୍କ ନୀତି ନିୟମ ଅନୁଯାୟୀ ମୃତ୍ୟୁ ବଳଦର କ୍ଷତିପୂରଣ ଦେବାକୁ ବଳଦ ମାଲିକ ଦାବି କରିଛନ୍ତି ।

## ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଦାନଗଦୀ: (ମହାଭାରତ)ଚଳିତ ବର୍ଷ ଦାନଗଦି ଅଞ୍ଚଳ ରେ +୨ ବିଜ୍ଞାନ ରେ ଷ୍ଟିଲ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦାନଗଦି ରେ ଛଅ ଜଣ ଛାତ୍ର ଛାତ୍ରୀ ଟପ୍ପ ର ହୋଇଛନ୍ତି । ସ୍କୁଲ ପରିସରରେ ଏହି ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି ।ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ରେ ଭଲ ପାଠ ପଢା ଯାଉଥିବାରୁ ସେମାନେ ଏପରି ସଫଳତା ହାସଲ କଲେ ବୋଲି ମତବ୍ୟକ୍ତ କରିଛନ୍ତି । କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନେ ବହୁତ ଖୁସି ଅଛନ୍ତି,ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳରେ ଦାନଗଦି ସ୍ଥିତ ଷ୍ଟିଲ୍ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବ୍ଲକ ସ୍ତରରେ ସୁନାମ ଆଣିଛି । ଚଳିତ ବର୍ଷ ଏ ଅନୁଷ୍ଠାନର ଛାତ୍ର କଳ୍ପତରୁ ନାୟକ ୫୩୬ (୮୯.୩) ପ୍ରତିଶତ ମାର୍କ ରଖି ଟପ୍ପର ସାଜିଥିବା ବେଳେ ସୋମନାଥ ମହାନ୍ତ (୫୧୯), ସିଦ୍ଧିତା ସର୍ବପୂଜ୍ୟ ବ୍ରହ୍ମ (୫୧୧),ବିଶ୍ୱେଶ୍ୱର ସାହୁ(୪୯୨),ଶୁଭଶ୍ରୀ ସାହୁ (୪୮୬),ଅମ୍ରି କୁମାର ମହାନ୍ତ (୪୬୬) ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି । ଏହିପରି ସମସ୍ତ ଛାତ୍ରଛାତ୍ରୀ ପାସ୍ କରି ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଉନ୍ନତମାନର ତଥା ଆଧୁନିକ ଶୈଳୀରେ ଶିକ୍ଷାଦାନ ପାଇଁ ଚର୍ଚ୍ଚା ରେ ଥିବା ଏହି ଅନୁଷ୍ଠାନ ଦୀର୍ଘ ୧୩ ବର୍ଷ ଧରି ସଫଳତାର ପାହାଚ ଚଢ଼ି ଚାଲିଛି । ଏହି ଅବସରରେ ଅନୁଷ୍ଠାନ ର ଅଧ୍ୟକ୍ଷ ସୁବୋଧ କୁମାର ବେହେରା ଓ ଅନୁଷ୍ଠାନ ର ଅଧ୍ୟାପକ ଅଧ୍ୟାପିକା ମାୟାଧର ଜେନା ,ମନୋରମା ସେନାପତି ,ଚିତ୍ତରଞ୍ଜନ ମଲ୍ଲିକ ଏବଂ ଅଭିଭାବକ ଛାତ୍ର ଛାତ୍ର ମାନଙ୍କ ର ଉଜ୍ଜଳ ଭବିଷ୍ୟତ ର କାମନା କରିଛନ୍ତି ।



## ପରିଚୟ ସଙ୍କଟରେ ଏସିଆ ମହାଦେଶର ସର୍ବବୃହତ ଯକ୍ଷ୍ମା ଡାକ୍ତରଖାନା

# ୪୦ ସ୍ଥାନରେ ୭ ଜଣ ଡାକ୍ତର : ଅନ୍ୟାନ୍ୟ କର୍ମଚାରୀ ଙ୍କ କଥା ନ ଖୋଜିଲେ ଭଲ



ରଣପୁର, ( ମହାଭାରତ ) : ରଣପୁର ବ୍ଲକ୍ ଅନ୍ତର୍ଗତ ଚନ୍ଦପୁର ସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟଟି ନାହିଁ ନାହିଁରେ ଚାଲୁଥିବା ଦେଖିବାକୁ ମିଳିଛି । ଏଠାରେ ୪୦ ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୭ଜଣ ଡାକ୍ତରଙ୍କୁ ନେଇ ଡାକ୍ତରଖାନା ଚାଲୁଥିବା ଜଣାପଡ଼ିଛି । ଫଳରେ ରୋଗୀ ସେବାରେ ବ୍ୟାହତ ହେବା ଯୋଗୁଁ ଅ□ଳରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି । ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଚନ୍ଦପୁର ବଜାରରେ ଥିବା ରାଜ୍ୟର ସର୍ବବୃହତ ଯକ୍ଷ୍ମା ଡାକ୍ତରଖାନା ଏବେ ବହୁ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଲକ୍ଷ୍ୟ କରାଯାଇଛି । ରଣପୁରର ତତ୍କାଳୀନ ରାଣୀ ସ୍ୱର୍ଗତ ବସନ୍ତ ମଞ୍ଜରୀ ଦେବୀ ଏହି ଡାକ୍ତରଖାନାକୁ ପ୍ରତିଷ୍ଠା କରିଥିଲେ । ଏସିଆ ମହାଦେଶର ସର୍ବବୃହତ ତଥା ରାଜ୍ୟର ସର୍ବ ପୁରାତନ ଏହି ଯକ୍ଷ୍ମା ଡାକ୍ତରଖାନା ରୋଗୀ ସେବା କ୍ଷେତ୍ରରେ ଦେଶରେ ସୁନାମ ଅର୍ଜନ କରିଥିଲା । ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଡାକ୍ତରଙ୍କ କମି ଫଳରେ ନାନାଦି ସମସ୍ୟା ସୃଷ୍ଟି ହୋଇଛି । ରାଜ୍ୟ ସରକାର ଉକ୍ତ ଚିକିତ୍ସାଳୟରେ ଟ୍ରମାକେୟାର୍ ବ୍ୟବସ୍ଥା ନିମନ୍ତେ ଘୋଷଣା କରିଥିଲେ ମଧ୍ୟ ତାହା କାଗଜକଲମରେ ସିମିତ ହୋଇ ରହିଯାଇଛି । ସେହିପରି କର୍ମଚାରୀ ଅଭାବରୁ ଡାକ୍ତରଖାନା ଆସୁଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଯନ୍ତ୍ରପାତି ଖତଖାଉଛି ।ଡାକ୍ତରଖାନାରେ ଯେତିକି କର୍ମଚାରୀ ଅଛନ୍ତି ସେମାନେ ନିୟମିତ ଡାକ୍ତରଖାନାକୁ ଆସୁନଥିବା ଅଭିଯୋଗ ହେଉଛି । ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଥିଲେ ହେଁ ଏବେ ବି ୨୦ଜଣ ଯକ୍ଷ୍ମାରୋଗୀ ଚିକିତ୍ସାଧୀନ ଥିବା ଜଣାଯାଇଛି । ତେବେ ସ୍ଥାୟୀ ଯକ୍ଷ୍ମା ବିଶେଷଜ୍ଞ ଡାକ୍ତର ନଥିବାରୁ ଭୁବନେଶ୍ୱରରୁ ଜଣେ ଡାକ୍ତର ପ୍ରତି ସପ୍ତାହରେ ପାଳି କରି ହସ୍ପିଟାଲ୍କୁ ଯାଉଥିବା ଜଣାଯାଇଛି । ଯେଉଁ ଡାକ୍ତରଖାନା ରୋଗୀସେବା କ୍ଷେତ୍ରରେ ସମଗ୍ର ରାଜ୍ୟରେ ଗୌରବ ଅର୍ଜନ କରିଥିଲା, ସେହି ଡାକ୍ତରଖାନା ଆଜି ତା'ର ପରିଚୟ ହଜାଇବାକୁ ବସିଛି । ସରକାର ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ପାକିସ୍ତାନରେ ଭୂକମ୍ପ ଝଟକା ଅନୁଭୂତ

ଇସଲାମବାଦ : ପୁଣି ଭୂକମ୍ପ ଝଟକାରେ ଥରିଲା ପାକିସ୍ତାନ । ଆଜି ପାକିସ୍ତାନରେ ୪.୪ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପ ଯୋଗୁଁ ଲୋକମାନେ ଭୟଭୀତ ହୋଇଯାଇଥିଲେ । ହଠାତ୍ ଭୂମିକମ୍ପ ହେବା ଯୋଗୁଁ ଲୋକମାନେ ଘର ଏବଂ ଅଫିସରୁ ବାହାରକୁ ଦୌଡିଥିଲେ । ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିମି ଗଭୀରତାରେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଏଯାଏଁ କିଛି କ୍ଷୟକ୍ଷତି ସୂଚନା ମିଳିନାହିଁ । ତେବେ ଲୋକମାନେ ନମାଜ ପଢୁଥିବା ବେଳେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ନମାଜ ପଢୁଥିବା ବେଳେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ପାକିସ୍ତାନରେ ଗତ କିଛି ଦିନ ଭିତରେ ବାରମ୍ବାର ଭୂକମ୍ପ ଝଟକା ଅନୁଭୂତ ହେଉଛି । ବିଶେଷ ଭାବେ ଖୈବର ପଙ୍ଖତୁନଖ୍ୱା ଏବଂ ବଲୁଚିସ୍ତାନର ପାହାଡ ଅଞ୍ଚଳରେ ଭୂକମ୍ପ ଝଟକା ଅନୁଭୂତ ହେଉଛି । ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ପାକିସ୍ତାନର ଫୈସଲାବାରେ ୪.୨ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ୧୧୧ କିମି ଗଭୀରତାରେ ରହିଥିଲା ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ସିକ୍କିମ ଗସ୍ତ ବାତିଲ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିକ୍କିମ୍ ଗସ୍ତ ବାତିଲ ହୋଇଛି । ଖରାପ ପାଗ ଯୋଗୁ ଗସ୍ତ ବାତିଲ କରାଯାଇଛି । ଫଳରେ ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗ ସିଲିଗୁଡ଼ିର ବାଗଡୋଗରା ବିମାନବନ୍ଦରରୁ ଭିଡିଓ କନଫରେନ୍ ସିଂ ଜରିଆରେ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବୋତ୍ତର ରାଜ୍ୟ ସିକ୍କିମର ରାଜଧାନୀ ଗ୍ୟାଙ୍ଗଟକ୍ ଯିବାର ଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଗ୍ୟାଙ୍ଗଟକର ପାଲଜୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା । ସିକ୍କିମର ଭାରତରେ ବିଲୟ ହେବାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଏବେ ଆଉ ସାମିଲ ହେବେ ନାହିଁ । ଖରାପ ପାଗ ଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ସିକ୍କିମ ଗସ୍ତ ବାତିଲ କରାଯାଇଛି ।

## ଦକ୍ଷିଣ କୋରିଆରେ ନୌସେନା ବିମାନ ଦୁର୍ଘଟଣାଗ୍ରସ୍ତ, ୪ ମୃତ

ସିଓଲ: ଦକ୍ଷିଣ କୋରିଆରେ ଏକ ନୌସେନା ବିମାନ ଅଭ୍ୟାସ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ନୌସେନା ଘଟଣା ସଂପର୍କରେ ସୂଚନା ଦେଇଛି । ସୂଚନା ମୁତାବକ, ବିମାନଟି ଦକ୍ଷିଣ-ପୂର୍ବ ସହର ପୋହାଙ୍ଗ ସ୍ଥିତ ନୌସେନା ବିମାନ ନିଜ ବେସରୁ ଉଡ଼ାଣ ଭରିଥିଲା । କିନ୍ତୁ ଉଡ଼ାଣର କିଛି ସମୟ ମଧ୍ୟରେ ଖସିପଡିଥିଲା । ଫଳରେ ବିମାନରେ ନିଆଁ ଲାଗିଯାଇଥିଲା । ଦୁର୍ଘଟଣାସ୍ଥଳରେ ଦମକଳ ଗାଡି ପହଞ୍ଚି ସହାୟତା କରିଥିଲା । ଏଥିରେ ୪ ଜଣ ରହିଥିଲେ । ତେବେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣା ବିଷୟରେ ସ୍ଥାନୀୟ ବାସିନ୍ଦା ସୂଚନା ଦେଇଥିଲେ । ଏହାପରେ ଉଦ୍ଧାରକାରୀ ଦଳ ଏବଂ ଦମକଳ ଗାଡ଼ି ଆସିଥିଲା । ସୂଚନାଯୋଗ୍ୟ, ସାଉଥ କୋରିଆରେ ଡିସେମ୍ବର ମାସରେ ଭୟଙ୍କର ବିମାନ କ୍ରାସ ହୋଇଥିଲା । ବିମାନରେ ୧୮୧ ଲୋକ ଥିଲେ । ଏଥିରେ ୧୭୯ ଜଣଙ୍କ ଜୀବନ ଚାଲିଯାଇଥିଲା । ଜେଜୁ ଏୟାର ବୋଇଂ ୭୩୭-୮୦୦ ବ୍ୟାଙ୍କକରୁ ସାଉଥ କୋରିଆ ଯାଉଥିଲା । ବିମାନରେ ଥିବା ଅଧିକାଂଶ ଲୋକ କ୍ରିସମାସ ଛୁଟି କାଟିବା ପାଇଁ ଯାଉଥିଲେ ।

# 'ମଦ୍ୟପାନ ପରେ ଜଣେ ବ୍ୟକ୍ତି ପଶୁ ପାଲଟିଯାଏ': ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୯।୫: ଗୁରୁବାର ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ମଦ୍ୟପାନ ପରେ ଜଣେ ବ୍ୟକ୍ତି ପଶୁ ହୋଇଯାଏ । ସୁପ୍ରିମକୋର୍ଟ ଜଣେ ହୃଦରୋଗ ବିଶେଷଜ୍ଞଙ୍କ ଆବେଦନ ଉପରେ ବିଚାର କରିବାକୁ ମନା କରିଦେଇଛନ୍ତି, ଯେଉଁଥିରେ ସେ ତାଙ୍କ ସାତ ବର୍ଷର ଝିଅକୁ ଯୌନ ନିର୍ଯାତନା ଦେବା ପାଇଁ ଦଣ୍ଡ ସ୍ଥଗିତ ରଖିବାକୁ ଦାବି କରିଥିଲେ । ବିଚାରପତି ବିଭି ନାଗରଥନା ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଡାକ୍ତରଙ୍କୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ଏହା ତାଙ୍କୁ କୌଣସି ଆଶ୍ୱସ୍ତି ଦେବା ସପକ୍ଷରେ ନୁହେଁ । ପୀଠ ମୌଖିକ ଭାବରେ କହିଛନ୍ତି, "ଦେଖନ୍ତୁ, ସେ ପିଲାଟି ସହିତ କି ପ୍ରକାରର କାର୍ଯ୍ୟ କରିଛନ୍ତି । ଆପଣ କୌଣସି ଆଶ୍ୱସ୍ତି ପାଇବାକୁ ହକଦାର ନୁହଁନ୍ତି । ପିଲାଟି ଆପଣଙ୍କ ମହକିଲଙ୍କ ବିରୁଦ୍ଧରେ ବୟାନ ଦେଇଛି । ସେ ଜଣେ ବିକୃତ ବ୍ୟକ୍ତି, ତାଙ୍କୁ କୌଣସି ଆଶ୍ୱସ୍ତି ପାଇବାକୁ ହକଦାର ବୋଲି ବିବେଚନା କରାଯାଇପାରିବ ନାହିଁ । ସେମାନେ ମଦ୍ୟପାନ କରିଥିଲେ ।" ବେଞ୍ଚ ମୌଖିକ ଭାବରେ କହିଥିଲେ, "ତୁମେ ତୁମ ଝିଅ ସହିତ ଏପରି କରିପାରିବ ନାହିଁ । ସେ ବାପାଙ୍କ ବିରୋଧରେ କାହିଁକି ସାକ୍ଷ୍ୟ ଦେବ । ସେ ଜଣେ ଛୋଟ ଝିଅ ଯିଏ ଜେରାର ସମ୍ମୁଖୀନ ହୋଇଛି । ମଦ୍ୟପାନ ପରେ ଜଣେ ପୁରୁଷ ପଶୁ ହୋଇଯାଏ । ଆମେ ଏହା କହିବା ଉଚିତ୍ ନୁହେଁ, କିନ୍ତୁ ଆମେ ସବୁଠାରୁ ଉଦାର ବେଞ୍ଚ । ଯଦି ଆମେ ଜାମିନ ଦେଉନାହୁଁ, ତେବେ ଏହା ପଛରେ କାରଣ ଅଛି ।" ଆମେ ତୁମକୁ କହି ଦେଉଛୁ ଯେ ଡାକ୍ତର ମଦ୍ୟପାନ କରି ଯୌନ ନିର୍ଯାତନା ଦେଇଥିଲେ । ଡାକ୍ତରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ଯୁକ୍ତି ଦେଇଥିଲେ ଯେ ଝିଅର ସାକ୍ଷ୍ୟକୁ ବିକୃତ ଭାବରେ ଉପସ୍ଥାପନ କରାଯାଇଥିଲା । ଓକିଲ କହିଛନ୍ତି ଯେ ଆହ୍ଲାବାଦ ହାଇକୋର୍ଟରେ ୧୨ ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ଅଛି ଏବଂ ଦୋଷୀଙ୍କ ବିରୋଧରେ ଆବେଦନ ନିକଟ ଭବିଷ୍ୟତରେ ଶୁଣାଯିବ ନାହିଁ । ଏଫଆଇଆରରେ, ପୀଡିତାଙ୍କ ମାଆ ତାଙ୍କ ସ୍ୱାମୀଙ୍କ ଉପରେ ତାଙ୍କ ଝିଅକୁ ଯୌନ ନିର୍ଯାତନା ଦେବାର ଅଭିଯୋଗ ଆଣିଥିଲେ । ପିଡିତାଙ୍କ ମାଆ କହିଛନ୍ତି ଯେ ସେ ବାରାଣସୀରେ ରୁହନ୍ତି, ଯେତେବେଳେ ତାଙ୍କ ସ୍ୱାମୀ ହଲଦ୍ୱାନୀରେ ରୁହନ୍ତି, ଯେଉଁଠାରେ ସେ ଏକ ନର୍ସିଂ ହୋମ ଚଳାନ୍ତି । ୨୩ ମାର୍ଚ୍ଚ ୨୦୧୮ରେ ଡାକ୍ତର ତାଙ୍କ ଝିଅକୁ ତାଙ୍କ ସହିତ ହଲଦ୍ୱାନୀ ନେଇଯାଇଥିଲେ ଏବଂ ୩୦ ମାର୍ଚ୍ଚରେ ସେ ତାଙ୍କ ସ୍ତ୍ରୀଙ୍କୁ ଡାକି ତାଙ୍କୁ ଫେରାଇ ନେବାକୁ କହିଥିଲେ । ପରେ, ଝିଅଟି ତାଙ୍କ ମାଆଙ୍କୁ କହିଥିଲେ ଯେ ତାଙ୍କ ବାପା ଜଣେ ଖରାପ ବ୍ୟକ୍ତି ଏବଂ ତାଙ୍କ ସହିତ ଖରାପ ବ୍ୟବହାର କରିଥିଲେ ।

## ଆଉ ଅଳ୍ପ ଦିନରେ ପିଓକେ ଆମର ହେବ: ରାଜନାଥ ସିଂ



ନୂଆଦିଲ୍ଲୀ: ପାକିସ୍ତାନକୁ ପୁଣିଥରେ ସମାଲୋଚନା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । ସେ ପାକିସ୍ତାନକୁ ନେଇ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଆଉ ଅଳ୍ପ ଦିନରେ ପିଓକେ ଆମର ହେବ । ସେଠିକାର ଲୋକ ଭାରତକୁ ଫେରିବେ । ଆତଙ୍କବାଦ କାରବାର କରୁଥିବା ଲୋକଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ବହୁତ ଅଗ୍ରଗତି କରିଛି । ପ୍ରତିରକ୍ଷା ମନ୍ତ୍ରୀ ପାକିସ୍ତାନ ଅଧିକୃତ କଶ୍ମୀର ବିଷୟରେ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଥିଲେ । ରାଜନାଥ ସିଂହ ପାକିସ୍ତାନକୁ ଟାର୍ଗେଟ କରି ପିଓକେର କଥା କହିଥିଲେ । ସେ କହିଥିଲେ, "ପିଓକେର ଥିବା ସମସ୍ତେ ଆମ ନିଜର, ସେମାନଙ୍କୁ କେବଳ ଭ୍ରମିତ କରାଯାଉଛି । ପିଓକେ ଆମର ଏକ ଅଂଶ ଏବଂ ମୋର ବିଶ୍ୱାସ, ଦିନେ ନା ଦିନେ ପିଓକେ ନିଜେ କହିବ ଯେ, ସେ ଭାରତର ଏକ ଅଂଶ ।" ପିଓକେରେ ଥିବା ଅଧିକାଂଶ ଲୋକ ଭାରତ ସହିତ ଗଭୀର ସମ୍ପର୍କ ଅନୁଭବ କରନ୍ତି । କେବଳ ଅଳ୍ପ କେତେଜଣ ଭୁଲ ରାସ୍ତାରେ ଚାଲିଛନ୍ତି । ପିଓକେରେ ରହୁଥିବା ଆମ ଭାଇମାନେ ବୀର ଯୋଦ୍ଧା ମହାରାଣା ପ୍ରତାପଙ୍କ ଛୋଟ ଭାଇ ଶକ୍ତି ସିଂହଙ୍କ ସହ ସମାନ । ପିଓକେର ଭାରତ ସହିତ ଏକୀକରଣ ଏହି ଦେଶର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ସମୃଦ୍ଧି ଉପରେ ନିର୍ଭର କରେ ବୋଲି ରାଜନାଥ କହିଛନ୍ତି । ଅପରେସନ୍ ସିନ୍ଦୂର ପ୍ରସଙ୍ଗରେ ରାଜନାଥ କହିଛନ୍ତି, ଆମେ ପ୍ରଥମେ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କଲୁ । ପରେ ଶତ୍ରୁର ଶତ୍ରୁର ମିଲିଟାରୀ ବେସ୍ ଓ ଏୟାରବେସ୍ ଉପରେ ଆକ୍ରମଣ କଲୁ । କରିଥିଲେ ଆହୁରି କିଛି କରି ପାରିଥାନ୍ତୁ । କିନ୍ତୁ ଶକ୍ତି ସହ ଆତ୍ମସଂଯମତାର ପରିଚୟ ଦେଇଛୁ । ବିଶ୍ୱ ପାଇଁ ଆମେ ଉଦାହରଣ ରଖିଛୁ ବୋଲି କହିଛନ୍ତି ରାଜନାଥ ।

## ଦିଦିଙ୍କ ଉପରେ ରାଗିକି ନିଆଁବାଣ ମୋଦି

କୋଲକାତା : ପଶ୍ଚିମବଙ୍ଗ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ମମତା ବାନାର୍ଜୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଆଲିପୁରଦୁଆରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟର ଟିଏମସି ସରକାରଙ୍କ ନିଷ୍ଠୁରତାର ଏକ ଉଦାହରଣ ବୋଲି କହିଛନ୍ତି । ମମତା ସରକାରଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବଙ୍ଗଳାର ଲୋକମାନେ ଆଉ ଟିଏମସି ସରକାରଙ୍କ ବ୍ୟବସ୍ଥା ଉପରେ ବିଶ୍ୱାସ କରୁ ନାହାନ୍ତି । ଏଠାକାର ଲୋକଙ୍କ ପାଖରେ ଏବେ କେବଳ କୋର୍ଟ ଉପରେ ନିର୍ଭର କରିବା ପାଇଁ ଅଛି, ତେଣୁ ସମଗ୍ର ବଙ୍ଗଳା କହୁଛି – ଆମେ ଏକ ନିଷ୍ଠୁର ସରକାର ଚାହୁଁନାହୁଁ । ଆଜି ପଶ୍ଚିମବଙ୍ଗ ଏକକାଳୀନ ଅନେକ ସଙ୍କଟରେ ଘେରି ରହିଛି । ପ୍ରଥମ ସଙ୍କଟ ହେଉଛି ସମାଜରେ ହିଂସା ଏବଂ ଅରାଜକତା ବ୍ୟାପିଛି । ଦ୍ୱିତୀୟ ସଙ୍କଟ ହେଉଛି ମା' ଏବଂ ଭଉଣୀମାନଙ୍କ ଅସୁରକ୍ଷା, ସେମାନଙ୍କ ବିରୋଧରେ ଘଟୁଥିବା ଜଘନ୍ୟ ଅପରାଧ । ତୃତୀୟ ସଙ୍କଟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ଚରମ ହତାଶା ବ୍ୟାପିବା, ବ୍ୟାପକ ବେକାରୀ । ଚତୁର୍ଥ ସଙ୍କଟ ହେଉଛି ବ୍ୟାପକ ଦୁର୍ନୀତି, ଏଠାରେ ବ୍ୟବସ୍ଥା ଉପରେ କ୍ରମାଗତ ଭାବରେ ହ୍ରାସ ପାଉଥିବା ଜନସାଧାରଣଙ୍କ ବିଶ୍ୱାସ । ପଞ୍ଚମ ସଙ୍କଟ ହେଉଛି ଶାସକ ଦଳର ସ୍ୱାର୍ଥପର ରାଜନୀତି ଯାହା ଗରିବଙ୍କ ଅଧିକାରକୁ ଛଡ଼ାଇ ନେଉଛି । ଆୟୁଷ୍ମାନ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ, ଦେଶର କୋଟି କୋଟି ଲୋକ ମାଗଣା ଚିକିତ୍ସା ପାଉଛନ୍ତି, ଯେଉଁଥିରେ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ମଧ୍ୟ ଅନ୍ତର୍ଭୁକ୍ତ, କିନ୍ତୁ ପଶ୍ଚିମବଙ୍ଗର ଟିଏମସି ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦେଇ ନାହାନ୍ତି, ଯାହା ଫଳରେ ରାଜ୍ୟର ଲୋକମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି । ବିଶ୍ୱକର୍ମା ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହି ଯୋଜନା ଅଧୀନରେ, ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କୁ ତାଲିମ ଏବଂ ଆର୍ଥିକ ସହାୟତା ଦିଆଯାଉଛି । ପଶ୍ଚିମବଙ୍ଗରେ, ଟିଏମସି ସରକାର ୮ ଲକ୍ଷ ଆବେଦନକୁ ବିଚାରାଧୀନ ରଖିଛନ୍ତି, ଯାହା ଯୋଗୁ ଏହି ଯୋଜନା ଏଠାରେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ । ପ୍ରଧାନମନ୍ତ୍ରୀ ଟିଏମସି ସରକାର ଶିକ୍ଷକ ଏବଂ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳୁଥିବାର ମଧ୍ୟ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଟିଏମସି ଶାସନ ସମୟରେ, ହଜାର ହଜାର ଶିକ୍ଷକଙ୍କ ଭବିଷ୍ୟତ ନଷ୍ଟ ହୋଇଥିଲା ଏବଂ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଥିଲା । ଟିଏମସି ନିଜର ଭୁଲକୁ ଗ୍ରହଣ ନକରି କୋର୍ଟକୁ ଦୋଷ ଦେଉଛି । ଟିଏମସି ଚା' ବଗିଚାରେ କାମ କରୁଥିବା ଶ୍ରମିକମାନଙ୍କୁ ମଧ୍ୟ ଛାଡି ନାହିଁ । ସେମାନଙ୍କ ରୋଜଗାର ଲୁଟ ହେଉଛି ଏବଂ ଦୋଷୀମାନଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି ।

## ଟ୍ରମ୍ପଙ୍କ ହାତ ଛାଡ଼ିଲେ ମସ୍କ; ନିଜ ପଦରୁ ଦେଲେ ଇସ୍ତଫା

ନୂଆଦିଲ୍ଲୀ : ଟ୍ରମ୍ପ-ମସ୍କ ସମ୍ପର୍କରେ ଫାଟ । ଡୋନାଲ୍ଡ ଟ୍ରମ୍ପ ପ୍ରଶାସନରୁ ଅଲଗା ହେବାର ଘୋଷଣା କରିଛନ୍ତି ଏଲନ୍ ମସ୍କ । ଟ୍ରମ୍ପଙ୍କ ସର୍ବୋଚ୍ଚ ପରାମର୍ଶଦାତା ପଦରୁ ଇସ୍ତଫା ଦେଇଛନ୍ତି ମସ୍କ । 'ଏକ୍ସ' ଯୋଗେ ଏନେଇ ସୂଚନା ଦେଇଛନ୍ତି ନିଜେ ଏଲନ ମସ୍କ । ସେ କହିଛନ୍ତି, ''ଆମେରିକା ସରକାରରେ ଜଣେ ବିଶେଷ କର୍ମଚାରୀ ଭାବେ ମୋର ନିର୍ଦ୍ଧାରିତ ସମୟ ଶେଷ ହୋଇଛି । ଅଯଥା ଖର୍ଚ୍ଚ କମାଇବାକୁ ସୁଯୋଗ ଦେଇଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି । ସମୟ ସହ ଡିଓଜିଇ ବିଭାଗ ଆହୁରି ଶକ୍ତିଶାଳୀ ହେବ, କାରଣ ଏହା ସରକାରଙ୍କ ସମସ୍ତ ବିଭାଗରେ ଜୀବନଶୈଳୀ ହୋଇଯିବ । ତେବେ ଟ୍ରମ୍ପ ଦ୍ୱିତୀୟଥର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏଲନ ମସ୍କଙ୍କୁ ଡିଓଜିଇର ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ । ଏହି ବିଭାଗର କାର୍ଯ୍ୟ ଥିଲା ସରକାରୀ ଖର୍ଚ୍ଚ ଅର୍ଥ କମ କରିବା ଏବଂ ଅଯଥା ନିଯୁକ୍ତିକୁ କମାଇବା । ମସ୍କ ଏହି ବିଭାଗର ଦାୟିତ୍ୱ ନେବା ପରେ ଅନେକ ବିଭାଗରୁ ଛଟେଇ କରାଯାଇଥିବାବେଳେ ସରକାରୀ ଖର୍ଚ୍ଚ କାଟ କରାଯାଇଥିଲା । ତେବେ ଟ୍ରମ୍ପଙ୍କର ମନଇଚ୍ଛା ନିଷ୍ପତ୍ତି ଏହା ପଛର ବଡ଼ କାରଣ ବୋଲି କୁହାଯାଉଛି । ଗତ କିଛି ଦିନ ହେବ ଟ୍ରମ୍ପ ଯେଉଁ ନିଷ୍ପତ୍ତି ନେଉଛନ୍ତି, ତାହା ବେଶ ବିବାଦୀୟ ହେଉଛି । ଏହି କାରଣରୁ ମସ୍କ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି । ଏଠାରେ ସୂଚନାଯୋଗ୍ୟ, ଏପ୍ରିଲ୍ ଆରମ୍ଭରେ ଖବର ଆସିଥିଲା ??ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ସମୟରେ ସୃଷ୍ଟି ହୋଇଥିବା ସରକାରୀ ଦକ୍ଷତା ବିଭାଗ(ଡିଓଜିଇ)ରୁ ଏଲନ୍ ମସ୍କ ହଟିପାରନ୍ତି । ରାଷ୍ଟ୍ରପତି ଟ୍ରମ୍ପ ନିଜେ ଏହି ସଙ୍କେତ ଦେଇଥିଲେ । ସେ କହିଥିଲେ ଯେ, ଏଲନ ମସ୍କ କିଛି ମାସ ମଧ୍ୟରେ ତାଙ୍କ ପ୍ରଶାସନ ଛାଡିବେ । ଟ୍ରମ୍ପ କହିଥିଲେ, ଏଲନ ଖୁବ୍? ବୁଦ୍ଧିମାନ, କିନ୍ତୁ ତାଙ୍କ ପାଖରେ ଅନେକ କମ୍ପାନୀର ଦାୟିତ୍ୱ ରହିଛି । ମୁଁ ଚାହୁଁଛି ଯେ ସେ ଲମ୍ବା ସମୟ ପର୍ଯ୍ୟନ୍ତ ରୁହନ୍ତୁ । କିନ୍ତୁ ଏପରି ଏକ ସମୟ ଆସିବ ଯେତେବେଳେ ତାଙ୍କୁ ଏହି ପଦବୀ ଛାଡିବାକୁ ପଡିବ ।

## ଲସ୍କରର ୨ ଆତଙ୍କୀ ଗିରଫ

ନୂଆଦିଲ୍ଲୀ : ଜମ୍ମୁ କଶ୍ମୀରରେ ସୁରକ୍ଷାବଳକୁ ବଡ଼ ସଫଳତା ମିଳିଛି । ପହଲଗାମ ଆକ୍ରମଣ ପରେ ସଶସ୍ତ୍ର ବାହିନୀ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରିଛି । କଶ୍ମୀରର ଶୋପିଆନରେ ସେନା, ପୋଲିସ ଏବଂ ସିଆରପିଏଫର ମିଳିତ ଅପରେସନରେ ଦୁଇ ଜଣ ଲସ୍କର-ଏ-ତୋଏବା ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଆତଙ୍କାବାଦୀଙ୍କୁ ଧରାଯିବା ସହ ଦୁଇଟି ଏକେ-୫୬ ରାଇଫଲ, ଚାରୋଟି ମାଗାଜିନ୍, ଦୁଇଟି ହାତ ତିଆରି ଗ୍ରେନେଡ୍, ମୋବାଇଲ ଆଦି ଜବତ କରାଯାଇଛି । ଲସ୍କରର ଏହି ଆତଙ୍କୀ ଧରିବା ପାଇଁ ଶୋପିଆନର ବାସ୍କୁଚାନ୍ ଇମାମସାହିବରେ ସେନାର ୪୪ଆରଆର ଏବଂ ୧୭୮ ବାଟାଲିୟନ ସିଆରପିଏଫ ଦ୍ୱାରା ବିଶେଷ ଭାବେ ଏସଓଜି ଦ୍ୱାରା ଅପରେସନକୁ ଲଞ୍ଚ କରାଯାଇଥିଲା । ବାସ୍କୁଚାନରେ ଏକ ଘେରାବନ୍ଦୀ ଏବଂ ସନ୍ଧାନ ଅଭିଯାନ ଆରମ୍ଭ କରାଯାଇଥିଲା । ଅଞ୍ଚଳକୁ ପ୍ରଭାବଶାଳୀ ଭାବରେ ଘେରାବନ୍ଦୀ କରାଯାଇଥିଲା । ନିକଟସ୍ଥ ଏକ ବଗିଚାରେ ଆତଙ୍କବାଦୀଙ୍କ ଗତିବିଧି ପରିଲକ୍ଷିତ ହୋଇଥିଲା । ଜବତ ହୋଇଥିବା ଜିନିଷ ମଧ୍ୟରେ ୫,୪୦୦ ଟଙ୍କା ମୂଲ୍ୟର ନଗଦ ଟଙ୍କା ସହିତ ଏକ ଆଧାର କାର୍ଡ ମଧ୍ୟ ଉଦ୍ଧାର କରାଯାଇଥିଲା ।



ପୋଲିସ କହିଛି, ଦୁଇ ଆତଙ୍କବାଦୀ ଇରଫାନ ବଶିର ଏବଂ ଉଜୈର ସଲାମ ଆତ୍ମସମର୍ପଣ କରିଛନ୍ତି, ଯାହା ଫଳରେ ଏକ ସମ୍ଭାବ୍ୟ ଏନକାଉଣ୍ଟରକୁ ଏଡାଇ ଯାଇଛି । ସେନା ବାହିନୀର ଦ୍ରୁତ ଏବଂ ରଣନୈତିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଦୁଇ ଜଣ ଏଲ୍ ଇଟି ହାଇବ୍ରିଡ୍ ଆତଙ୍କବାଦୀ ସଫଳ ଭାବେ ଆତ୍ମସମର୍ପଣ କରିଥିଲେ । ସୂଚନାଯୋଗ୍ୟ, ଏପ୍ରିଲ ୨୨ ରେ ପହଲଗାମର ବୈସାରନ ଘାଟିରେ ହୋଇଥିବା ଆକ୍ରମଣ ପରେ ସୁରକ୍ଷା ବାହିନୀ ଆତଙ୍କ ବିରୋଧୀ ଅଭିଯାନର କେନ୍ଦ୍ରବିନ୍ଦୁ ଦକ୍ଷିଣ କଶ୍ମୀରର ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ବଦଳାଇ ଦେଇଥିବାରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା, ଯେଉଁଥିରେ ୨୬ ଜଣ ପ୍ରାଣ ହରାଇଥିଲେ । ସେବେଠାରୁ ଆତଙ୍କୀ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଉଛି ଭାରତ । ପ୍ରଥମ ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡାକୁ ନଷ୍ଟ କରିବା ସହିତ ୧୦୦ରୁ ଅଧିକ ଆତଙ୍କୀକୁ ନିପାତ କରିଥିଲା । ଏହାପରେ ଜମ୍ମୁ କଶ୍ମୀରର ବିଭିନ୍ନ ସ୍ଥାନରେ ଆତଙ୍କୀ ଉପରେ ଆକ୍ରମଣ କରୁଛି ଭାରତୀୟ ସେନା ।

# ବିଶ୍ୱଯୁଦ୍ଧ କଥା ଉଠାଇଲେ ପୁଟିନଙ୍କ ଘନିଷ୍ଠ ସହଯୋଗୀ



ନୂଆଦିଲ୍ଲୀ : ଟ୍ରମ୍ପଙ୍କ ବୟାନ୍ ବାଜିକୁ ନାପସନ୍ଦ । ଏଭଳି କଥାବାର୍ତ୍ତା କଲେ ଏହାର ବିକଳ୍ପ ହେଉଛି କେବଳ ତୃତୀୟ ବିଶ୍ୱଯୁଦ୍ଧ ୟୁକ୍ରେନ ଉପରେ ଆକ୍ରଣମଣକୁ ନେଇ ଆମେରିକା ରାଷ୍ଟ୍ରପତିଙ୍କ ଧମକ ପରେ ତୃତୀୟ ବିଶ୍ୱଯୁଦ୍ଧ କଥା ଉଠାଇଛନ୍ତି ପୁଟିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଡଭେଦେଭ । ୟୁକ୍ରେନ ଉପରେ ଆକ୍ରମଣ କରି ପୁଟିନ ନିଆଁ ସହିତ ଖେଳୁଛନ୍ତି ବୋଲି କହିଥିଲେ ଟ୍ରମ୍ପ । ଆମେରିକା ଶାସନ କ୍ଷମତାରେ ମୁଁ ନଥିଲେ ରୁଷର ଅବସ୍ଥା ଆହୁରି ଖରାପ ହୋଇ ସାରିଥାନ୍ତା ବୋଲି ଟ୍ରମ୍ପ କହିଥିଲେ । ଏହାକୁ ହଜମ କରି ପାରି ନଥିଲା ମସ୍କୋ । ଟ୍ରମ୍ପ ତୃତୀୟ ବିଶ୍ୱଯୁଦ୍ଧ କଥା କହୁଛନ୍ତି କି ବୋଲି ମେଦଭେଦେଭ ପ୍ରଶ୍ନ କରିଥିଲେ । ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିରତି କିମ୍ବା ସ୍ଥାୟୀ ସମାପ୍ତି ତ ଦୂରର କଥା ଏବେ ଆମେରିକା ଏବଂ ରୁଷ ମଧ୍ୟରେ ବଢ଼ିବାରେ ଲାଗିଛି ଉତ୍ତେଜନା । ଟ୍ରମ୍ପଙ୍କ ବାରମ୍ବାର ପ୍ରୟାସ ସତ୍ତ୍ୱେ ପୁଟିନ ଟଳିବାର ନାଁ ନେଉ ନାହାନ୍ତି । ଋଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧର ମୂଳଦୁଆ ପକାଇଛି । ଶାନ୍ତି ପାଇଁ ବାରମ୍ବାର ଅପିଲ ହେଉଥିଲେ ବି ପରିସ୍ଥିତିକୁ ଦେଖି ଲାଗୁନି ଲାଗିଥିବା ଏହି ନିଆଁ ଶୀଘ୍ର ଥମିବ ବୋଲି । ଯଦି ଏଭଳି ଯୁଦ୍ଧ ଲାଗି ରହିବ ତେବେ ଏହା ଆଉ ଏକ ବିଶ୍ୱ ଯୁଦ୍ଧର ରୂପ ନେଇ ପାରେ । ଏଣେ ନାଟୋର ଆଶଙ୍କା, କିଛି ବର୍ଷ ଭିତରେ ନାଟୋ ସହ ଯୁଦ୍ଧ କରିପାରନ୍ତି ପୁଟିନ । ସେଥିପାଇଁ ପୁଟିନ ସଜବାଜ ହେଉଛନ୍ତି । ତେଣୁ ମୁକାବିଲା ପାଇଁ ବଡ଼ ପ୍ରସ୍ତୁତି ଆରମ୍ଭ କରିଛି ନାଟୋ । ଜର୍ମାନୀକୁ ଅଧିକ ୪୦ ହଜାର ସେନା ମୁତୟନ ପାଇଁ କହିଛନ୍ତି ନାଟୋ ମୁଖ୍ୟ । ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ ପରେ ନାଟୋ-ରୁଷିଆ ମୁହାଁମୁହିଁ ସ୍ଥିତିରେ ଅଛନ୍ତି । ଯେ କୌଣସି ସମୟରେ ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ଉପରେ ରୁଷ ଆକ୍ରମଣ କରିପାର ବୋଲି ଆଶଙ୍କା କରୁଛି ନାଟୋ । ନିକଟରେ ଲିଥୁଆନିଆରେ ଟ୍ୟାଙ୍କ ବ୍ରିଗେଡ ମୁତୟନ କରିଛି ଜର୍ମାନୀ । ଅନ୍ୟପଟେ ଭାରତ-ପାକିସ୍ତାନ ଯୁଦ୍ଧ ବିରତିରେ ଶ୍ରେୟ ନେବାକୁ ଯାଇ ବୟାନବାଜି କରିଥିଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ । ହେଲେ ତାଙ୍କ ଖେଳ ପଦାରେ ପଡ଼ିଗଲା । ଏହାପରେ ଋଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରିବାକୁ ଖୋଲାଖୋଲି କହିଥିଲେ । ହେଲେ ତାଙ୍କ କଥା ରହିଲା ନାହିଁ । ଏହାପରେ ସେ ଋଷକୁ ଚେତାବନୀ ଦେଇ 'ନିଆଁ ସହ ଖେଳୁଛି ବୋଲି କହିଥିଲେ । ଯାହାକୁ ଋଷିଆ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି କଡ଼ା ଜବାବ ଦେଇଛି । ଦିମିତ୍ରି ମେଡଭେଦେଭ କହିଛନ୍ତି, ଟ୍ରମ୍ପ ୩ୟ ବିଶ୍ୱଯୁଦ୍ଧ ଚାହୁଁଛନ୍ତି କି ? ଏହାର ଅର୍ଥ ହେଉଛି ତାଙ୍କ ଦେଶ ବିଶ୍ୱଯୁଦ୍ଧ ପାଇଁ ତୟାର ଅଛି । ଏବେ ଦେଖିବାର କଥା ବନ୍ଧୁତ୍ୱ ପାଇଁ ପାଖେଇ ଆସିବା ପରେ ପୁଣି ଦୂରେଇ ଗଲେଣି ଟ୍ରମ୍ପ ଓ ପୁଟିନ୍ । ଦେଖିବାର କଥା.. ଆଗକୁ ଏ ସମ୍ବନ୍ଧ କି ରୂପ ନେଉଛି । ଯଦି କଥା ବିଗିଡ଼ି ଯାଏ ତେବେ ୩ୟ ବିଶ୍ୱଯୁଦ୍ଧକୁ ରୋକିବା କଷ୍ଟକର ହେବ ।

ଭୁବନେଶ୍ୱର, ଶୁକ୍ରବାର, ୩୦ ମଇ ୨୦୨୫
Bhubaneswar, Friday 30 May, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ୯ ବର୍ଷ ପରେ ଫାଇନାଲରେ ଆରସିବି

## କ୍ୱାଲିଫାୟାର-୧ରେ ଦୟନୀୟ ପ୍ରଦର୍ଶନ କରି ହାରିଲା ପଞ୍ଜାବ କିଙ୍ଗ୍ସ

ଚଣ୍ଡିଗଡ଼, ୨୯।୫: ବୋଲରଙ୍କ ଘାତକ ବୋଲିଂ ପରେର ଫିଲିପ ସଲ୍ଟଙ୍କ ଧୂଆଁଧାର ବିସ୍ଫୋରକ ଅର୍ଦ୍ଧଶତକ ପ୍ରଥମ କ୍ୱାଲିଫାୟର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ୯ ୱିକେଟ୍‌ରେ ଅତି ସହଜରେ ହରାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟ ସହ ଆଇପିଏଲ୍ ଇତିହାସରେ ଚତୁର୍ଥ ଥର ଫାଇନାଲ୍‌ରେ ପହଞ୍ଚିଛି। ଆରସିବି ଦୀର୍ଘ ନଅ ବର୍ଷ ପରେ ଆରସିବି ଫାଇନାଲ୍‌ରେ ପହଞ୍ଚିଛି। ଅନ୍ୟପଟେ ପଞ୍ଜାବ କିଙ୍ଗ୍ସ ଏଲିମିନେଟରର ବିଜେତାଙ୍କୁ ଦ୍ୱିତୀୟ କ୍ୱାଲିଫାୟରରେ ଭେଟିବ। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍ସ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୧୪.୧ ଓଭରରେ ୧୦୧ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ ଆରସିବି ମାତ୍ର ୨ ୱିକେଟ୍ ହରାଇ ୧୦ ଓଭରରେ ମ୍ୟାଚ୍ ଜିତି ନେଇଛି। ସୂଚନାଯୋଗ୍ୟ, ୨୦୦୯, ୨୦୧୧ ଏବଂ ୨୦୧୬ରେ





ଆରସିବି ଫାଇନାଲ୍‌ରେ ପହଞ୍ଚିଥିଲେ ହେଁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ୧୦୨ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁକୁ ୩୦ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ବିରାଟ କୋହଲି ୧୨ ରନ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ଫିଲିପ୍ ସଲ୍ଟ ଧୂଆଁଧାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଛନ୍ତି। ମୟଙ୍କ ଅଗ୍ରୱାଲ ୧୯ ରନ କରି ପାଭିଲିୟନ ଫେରିଥିଲେ। ବିଜୟରେ ବାକି ଔପଚାରିକତା ସଲ୍ଟ ଓ ଅଧିନାୟକ ରଜତ ପାଟିଦାର ପୂରା କରିଥିଲେ। ସଲ୍ଟ ୨୭ ବଲରୁ ୬ ଚୌକା ଓ ୩ ଛକା ସହ ୫୬ ରନ ଓ ରଜତ ପାଟିଦାର ୮ ବଲରୁ ୧୫ ରନ କରି ଅପରାଜିତ ଥିଲେ। ଆରସିବି ମାତ୍ର ୧୦ ଓଭରରେ ୨ୱିକେଟ୍ ହରାଇ ମ୍ୟାଚ୍‌କୁ ଅତି ସହଜରେ ଜିତି ନେଇଛି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ସ୍ୱପ୍ନରେ କେବେ ଭାବି ନ ଥିବ ଯେ ପ୍ରଥମ କ୍ୱାଲିଫାୟର ମ୍ୟାଚ୍‌ରେ ଦଳର ସ୍ଥିତି ଏମିତି ହେବ। ଦଳ ଆରମ୍ଭରୁ ନିୟମିତ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ଦଳର ବ୍ୟାଟିଂ ତାସପତା ପରି ଭୁଶୁଡ଼ି ପଡ଼ିଥିଲା। କୌଣସି ବ୍ୟାଟର କ୍ରିଜରେ ତିଷ୍ଠି ପାରି ନ ଥିଲେ। ସ୍ଥିତି ଏମିତିଯେ ପଞ୍ଜାବର କେବଳ ୩ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁପାରିଥିଲେ ।ମାର୍କସ ଷ୍ଟୋଇନିସ ୨୬ ରନ, ପ୍ରଭସିମରନ ସିଂ ୧୮ ରନ ଓ ଅଜମତୁଲ୍ଲା ଉମରଜାଇ ୧୮ ରନ କରିପାରିଥିଲେ। ଅଧିନାୟକ ଶ୍ରେୟସ ଆୟର ୨ ରନ କରି ନିରାଶ କରିଥିଲେ। ପ୍ରିୟାଂଶ ଆର୍ଯ୍ୟ ୭ ରନ, ଜୋଶ ଇଙ୍ଗ୍ଲିସ ୪ ରନ, ନେହଲ ୱଧେରା ୮ ରନ ଓ ଶଶାଙ୍କ ସିଂଙ୍କ ପରି ବ୍ୟାଟର ୩ ରନ କରିଥିଲେ। ଶେଷରେ ପଞ୍ଜାବ ୧୪.୧ ଓଭରରେ ୧୦୧ ରନରେ ଅଲଆଉଟ୍ ହୋଇଥିଲା। ବୋଲିଂରେ ସୁୟଶ ଶର୍ମା ୩ ଓଭରରେ ୧୭ ରନ ଦେଇ ୩ଟି ୱିକେଟ୍ ଓ ଜୋଶ ହେଜେଲଉଡ ୨୧ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି ।ୟଶ ଦୟାଲଙ୍କୁ ୨ଟି ସଫଳତା ମିଳିଛି।

# ଦୁଇ ଗୋଡ଼ ହରାଇଲେ ପାକିସ୍ତାନ ହିନ୍ଦୁ କ୍ରିକେଟର

ଇସଲାମାବାଦ୍, ୨୯।୫: ପାକିସ୍ତାନର ଜଣେ ହିନ୍ଦୁ କ୍ରିକେଟର ତାଙ୍କର ଦୁଇଟି ଗୋଡ ହରାଇଛନ୍ତି। ମୋହିନ୍ଦର କୁମାର ନାମକ ଏହି କ୍ରିକେଟର ପାକିସ୍ତାନ ପାଇଁ ପ୍ରଥମ ଶ୍ରେଣୀ ଏବଂ ଲିଷ୍ଟ ଏ ଖେଳିଛନ୍ତି।

ପାକିସ୍ତାନ ପାଇଁ ଘରୋଇ କ୍ରିକେଟ ଖେଳିଥିବା ପୂର୍ବତନ କ୍ରିକେଟର ଏବଂ କୋଚ ମୋହିନ୍ଦର କୁମାରଙ୍କ ଦୁଇଟି ଗୋଡ କାଟି ଦିଆଯାଇଛି ଏହା ପଛରେ କାରଣ ମଧ ବହୁତ ଯନ୍ତ୍ରଣାଦାୟକ। ପ୍ରକୃତରେ ପୂର୍ବତନ କ୍ରିକେଟରଙ୍କୁ ଡାଇବେଟିସ୍ ଥିଲା, ତାଙ୍କ ଗୋଡରେ ସଂକ୍ରମଣ ହୋଇଥିଲା। ଏହା ଏତେ ବୃଦ୍ଧି ପାଇଥିଲା ଯେ ତାଙ୍କ ଜୀବନ ବିପଦରେ ପଡ଼ିଥିଲା ଏବଂ ଡାକ୍ତରମାନଙ୍କ ପାଖରେ ତାଙ୍କ ଗୋଡ କାଟିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ତାଙ୍କ ଦୁଇଟି ଗୋଡ କାଟିବାକୁ ପଡିଥିଲା ଏହା ସମସ୍ତଙ୍କୁ




ଆଶ୍ଚର୍ଯ୍ୟ କରିଛି।

ମୋହିନ୍ଦର କୁମାର ଜଣେ ପାକିସ୍ତାନୀ ହିନ୍ଦୁ କ୍ରିକେଟର ଯିଏ ପ୍ରଥମ ଶ୍ରେଣୀ କ୍ରିକେଟରେ ନିଜର ଛାପ ଛାଡିଥିଲେ। ତଥାପି, ସେ ପାକିସ୍ତାନର ଜାତୀୟ ଦଳ ପାଇଁ ଖେଳିପାରି ନ ଥିଲେ। ତାଙ୍କ କ୍ରିକେଟ କ୍ୟାରିୟରରୁ ବିଦାୟ ନେବା ପରେ, ସେ ଜଣେ କୋଚ ହୋଇ ଯୁବକମାନଙ୍କୁ ତାଲିମ ଦେବା ଆରମ୍ଭ କଲେ ସେ ଅନେକ ଯୁବ କ୍ରିକେଟରଙ୍କୁ କ୍ରିକେଟ ଶିଖାଇଥିଲେ, କିନ୍ତୁ ଏହି ସମୟ ମଧ୍ୟରେ ତାଙ୍କୁ ଡାଇବେଟିସ୍ ହୋଇଥିଲା।

ଜଣେ କ୍ରିକେଟର ଭାବରେ, ମୋହିନ୍ଦର କୁମାର ୧୯୭୬ ରୁ ୧୯୯୪ ପର୍ଯ୍ୟନ୍ତ ପାକିସ୍ତାନ ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ସେ ୬୫ଟି ପ୍ରଥମ ଶ୍ରେଣୀ ମ୍ୟାଚ ଏବଂ ୫୩ଟି ଲିଷ୍ଟ ଏ ମ୍ୟାଚ ଖେଳିଥିଲେ ସେ ଜଣେ ଦ୍ରୁତ ବୋଲର ଥିଲେ, ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୧୮୭ଟି ଉଇକେଟ ନେଇଥିଲେ। ଏଥିରେ ସେ ୧୦ ଥର ୫ କିମ୍ବା ତାଠାରୁ ଅଧିକ ୱିକେଟ ନେଇଥିଲେ। ସେ ୪ ଥର ୧୦ଟି ଉଇକେଟ ମଧ ନେଇଥିଲେ। ଯଦିଓ ତାଙ୍କ ପାଇଁ ପାକିସ୍ତାନ ଦଳରେ ସ୍ଥାନ ପାଇବା ବହୁତ କଷ୍ଟକର ଥିଲା ଏବଂ ଏହା ପଛରେ ତାଙ୍କର ଏକ କାରଣ ଥିଲା। ତାଙ୍କର ହିନ୍ଦୁ ହେବା। ଲିଷ୍ଟ ଏ ମ୍ୟାଚ୍‌ରେ ତାଙ୍କ ନାମରେ ୬୪ଟି ଉଇକେଟ ଅଛି। ୬୫ ବର୍ଷୀୟ ମୋହିନ୍ଦର ଅନେକ ବଡ଼ ଖେଳାଳିଙ୍କୁ ତାଲିମ ଦେଇଥିଲେ। ଏଥିରେ ମହମ୍ମଦ ସାମି, ଦାନିଶ କାନେରିଆ, ତନଭିର ଅହମ୍ମଦ, ସୋହେଲ ଖାନଙ୍କ ଭଳି କ୍ରିକେଟର ସାମିଲ ଅଛନ୍ତି।

# ଗୁଲବୀରଙ୍କୁ ସ୍ୱର୍ଣ୍ଣ, ସର୍ବିନଙ୍କୁ କାଂସ୍ୟ

ଗୁମି (ଦକ୍ଷିଣ କୋରିଆ) ୨୯।୫(ଏଜେନ୍ସି): ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୬ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରୁ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗୁଲବୀର ସିଂହ ଦ୍ୱିତୀୟ ପଦକଟି କାଂସ୍ୟ ରୂପରେ ମିଳିଛି। ସର୍ବିନ ସେବାଷ୍ଟିଏନ୍‌ଙ୍କ ଜରିଆରେ ପୁରୁଷ ବର୍ଗର ୧୦,୦୦୦ ମିଟର୍ ଦୌଡ଼ରେ ୨୬ ବର୍ଷୀୟ ଗୁଲବୀର ୨୮ ମିନିଟ୍ ୩୮.୬୩ ସେକେଣ୍ଡ୍ ସମୟ ନେଇ ଶୀର୍ଷରେ ରହିଥିଲେ। ଏହା ତାଙ୍କ ପ୍ରଥମ ଏସୀୟ ଦୌଡ଼କୁଦ ପଦକ। ୨୦୨୩ ହାଂଜୁ ଏସୀୟ କ୍ରୀଡ଼ାରେ କାଂସ୍ୟ ଜିତିଥିବା ଗୁଲବୀର ସ୍ୱର୍ଣ୍ଣ ଜିତିବା ପରେ ଉଲ୍ଲସିତ ହୋଇପଡ଼ିଥିଲେ। ସମୟ ନିର୍ବିଶେଷରେ ମୋର ଅସଲ ଲକ୍ଷ୍ୟ ଥିଲା ପ୍ରଥମରେ ରହିବା ଦୌଡ଼ ପାଇଁ ନିର୍ଦ୍ଧାରିତ କୌଶଳକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିପାରିଥିବାରୁ ମୁଁ ବହୁତ ଖୁସି ବୋଲି ଗୁଲବୀର୍ ପ୍ରକାଶ କରିଛନ୍ତି ।

# ଡବ୍ଲ୍ୟୁବିଏଲ୍‌ରେ କୋହଲିଙ୍କ ନିବେଶ

ନୂଆଦିଲ୍ଲୀ, ୨୯।୫(ଏଜେନ୍ସି): ବିରାଟ କୋହଲି ଏକ ବଡ଼ ବାଜି ଲଗାଇଛନ୍ତି ବିଶ୍ୱ ବୋଲିଂ ଲିଗରେ ନିବେଶ କରିଛନ୍ତି। ବିରାଟ କୋହଲିଙ୍କୁ ବିଶ୍ୱ ବୋଲିଂ ଲିଗ (ଡବ୍ଲୁବିଏଲ୍)ରେ ଏକ ରଣନୈତିକ ନିବେଶକ ଘୋଷିତ କରାଯାଇଛି। ଡବ୍ଲୁବିଏଲ୍ ଏଲ୍‌ଏଲ୍‌ବି ସୁପରଷ୍ଟାର ଏବଂ ୩ ଥର ବିଶ୍ୱ ସିରିଜ ଚାମ୍ପିଅନ ମୁକି ବେଟ୍ସଙ୍କ ଦଳ ଓଏମଜିକୁ ଲିଗର ପ୍ରଥମ ଫ୍ରାଞ୍ଚାଇଜ ଭାବରେ ପରିଚିତ କରାଇଥିଲା। ବିରାଟ ତାଙ୍କ ସୋସିଆଲ ମିଡିଆରେ ଏ ସମ୍ପର୍କିତ ଏକ ପୋଷ୍ଟ ମଧ ଶେୟାର କରିଛନ୍ତି।ଏଥିରେ ସେ ନିଜ ବିଷୟରେ ଏକ ମଜାଦାର କଥା କହିଛନ୍ତି, ସେ ୧୩ ବର୍ଷ ବୟସରେ ବୋଲିଂ ଆରମ୍ଭ କରିଥିଲେ।

ପୋଷ୍ଟ ଶେୟାର କରି ବିରାଟ କୋହଲି କ୍ୟାପସନରେ ଲେଖିଛନ୍ତି, ଇ୧ ଟିମ ବ୍ଲୁ ରାଇଜିଂରେ ଆଦିକ ମିଶ୍ରଙ୍କ ସହ ଏକ ଭାଗୀଦାରୀ ପରେ, ବିଶ୍ୱ ବୋଲିଂ ଲିଗରେ ପୁଣି ଥରେ ଏକାଠି ହେବାକୁ ଉତ୍ସାହିତ! ଲସ ଆଞ୍ଜେଲସ ଡଜର୍ସ ସୁପରଷ୍ଟାର ମୁକି ବେଟ୍ସ ଏବଂ ଅନ୍ୟମାନଙ୍କ ସହିତ, ଆମେ ୧୦୦ ନିୟୁତରୁ ଅଧିକ




ଲୋକଙ୍କ ଦ୍ୱାରା ପ୍ରିୟ ଖେଳକୁ ପୁନଃପରିଭାଷିତ କରୁଛୁ, ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ସଂଯୋଗ କରିବା ପାଇଁ ଏଫଏସପିର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛୁ।

ବିରାଟ ବ[illegible]ମାନ ଅରେଞ୍ଜ କ୍ୟାପ ପାଇଁ ଦୌଡ଼ରେ ଅଛନ୍ତି, ସେ ଟୁର୍ନାମେଣ୍ଟରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି। ସେ ଲିଗ ପର୍ଯ୍ୟାୟରେ ଖେଳାଯାଇଥିବା ୧୩ ଇନିଂସରେ ୧୪୭.୯୧ ଷ୍ଟ୍ରାଇକ ରେଟରେ ୬୦୨ ରନ କରିଛନ୍ତି।ଏହି ସିଜିନରେ ସେ ୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ସେ ଆରସିବି ପାଇଁ ୯୦୦୦ ରନ ମଧ ପୂରଣ କରିଛନ୍ତି, ସେ ଯେକୌଣସି ଗୋଟିଏ ଫ୍ରାଞ୍ଚାଇଜ ଦଳ ପାଇଁ ସର୍ବାଧିକ ରନ ସ୍କୋରର।

# ଅଶ୍ୱିନଙ୍କୁ ମନର କଥା କହିଲେ ଜାଡ଼େଜା



ଚେନ୍ନାଇ, ୨୯।୫:: ଭାରତୀୟ ଦଳରେ ଆରମ୍ଭ ହୋଇଛି ନୂଆ ଯୁଗ। ଯୁବ ଖେଳାଳି ଶୁଭମନ ଗିଲ୍‌ଙ୍କ ହାତରେ ଟେଷ୍ଟ ଦଳର ଭାର। ଋଷଭ ପନ୍ତଙ୍କ ହାତରେ ଉପଅଧିନାୟକ ଦାୟିତ୍ୱ। ଆହତଜନିତ ସମସ୍ୟା ଆଶଙ୍କାରେ ଯଶପ୍ରୀତ ବୁମରାଙ୍କୁ ଭରସା କରି ପାରି ନ ଥିଲା ବିସିସିଆଇ। ଅନ୍ୟପଟେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ହେବାକୁ ଇଚ୍ଛା ରଖିଥିବା କହିଛନ୍ତି ଅନୁଭବୀ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା। କାରଣ ଏହି ବୋଲର ନିଜର ଲମ୍ବା କ୍ୟାରିୟରରେ ଅଲଗା ଅଲଗା ଅଧିନାୟକଙ୍କ ସହ ଖେଳି ଅଧିନାୟକ ଭୂମିକାକୁ ବେଶ ଭଲ ଭାବେ ବୁଝି ପାରିଛନ୍ତି।

କଣ ସେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ହେବାକୁ ଚାହିଁବେ? ଏହି ପ୍ରଶ୍ନ ଉପରେ ୩୬ ବର୍ଷୀୟ ଜାଡ଼େଜା ଭାରତର ପୂର୍ବତନ ତାରକା କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ନିଜର ମନ କଥା କହିଛନ୍ତି। ସେ କହିଛନ୍ତି, ନିଶ୍ଚିତ ମୁଁ ପ୍ରସ୍ତୁତ ଏତେ ବର୍ଷ ଧରି ଅଲଗା ଅଲଗା ଅଧିନାୟକ ସହ ଖେଳି ଆସିଛି। ମୋତେ ପ୍ରତ୍ୟେକକ ଧିନାୟକଙ୍କ ଶୈଳୀ ବିଷୟରେ ଜଣା ଅଛି। ଏହା ମଧ ବୁଝି ପାରୁଛି ଯେ ଖେଳାଳି କଣ ଚିନ୍ତା କରନ୍ତି ଏବଂ କଣ ଚାହାନ୍ତି ।

ଭାରତ ପାଇଁ ୨୦୧୨ରେ ପ୍ରଥମ ଟେଷ୍ଟ ଖେଳିଥିବା ଜାଡ଼େଜା ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ତିନି ଫର୍ମାଟ୍‌ରେ ପଦାର୍ପଣ କରିଥିଲା। ଆଇପିଏଲ୍‌ରେ ମଧ ସେ ଧୋନୀଙ୍କ ଅଧିନାୟକତ୍ୱରେ ଖେଳିଛନ୍ତି।ସେ ଏ ପର୍ଯ୍ୟନ୍ତ ୮୦ଟି ଟେଷ୍ଟ ଖେଳି ସାରିଛନ୍ତି। ଜାଡ଼େଜା କହିଛନ୍ତି ପ୍ରତ୍ୟେକ ଅଧିନାୟକଙ୍କ ନିଜସ୍ୱ ଶୈଳୀ ରହିଛି। ମୁଁ ପ୍ରତିଟି ଫର୍ମାଟ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଖେଳିଛି ଏବଂ ତାଙ୍କ ଚିନ୍ତାଧାରା ସଂପୂର୍ଣ୍ଣ ସରଳ। ଯଦି ତାଙ୍କୁ ଲାଗୁଛି କୌଣସି ବ୍ୟାଟର ଗୋଟିଏ ସ୍ଥାନରେ ବାରମ୍ବାର ସଟ୍ ଖେଳୁଛି, ତେବେ ସେଠାରେ ସେ ଜଣେ ଫିଲ୍ଡର ନିଶ୍ଚୟ ରଖିବେ।

ଟେଷ୍ଟ କ୍ରିକେଟ୍‌ରୁ ରୋହିତ ଶର୍ମାଙ୍କ ସନ୍ନ୍ୟାସ ପରେ ଅଶ୍ୱିନ ଜାଡ଼େଜାଙ୍କୁ ଅଧିନାୟକ କରାଯିବାକୁ ସମର୍ଥନ କରିଥିଲେ। ଅଶ୍ୱିନ ନିଜର ୟୁଟ୍ୟୁବ ଚ୍ୟାନେଲରେ କହିଥିଲେ ଯେ, ଆମେ ରବୀନ୍ଦ୍ର ଜାଡ଼େଜାଙ୍କୁ କାହିଁକି ଭୁଲି ଯାଉଛୁ। ଯଦି ନୂଆ ଅଧିନାୟକ ଦରକାର।ତେବେ ଦୁଇ ବର୍ଷ ପାଇଁ କୌଣସି ଅନୁଭବୀ ଖେଳାଳିଙ୍କୁ ଅଧିନାୟକ କରାଯାଉ ଏବଂ ପରେ ନୂଆ ବ୍ୟକ୍ତିଙ୍କୁ ଅଧିନାୟକ ପଦ ଦିଆଯାଉ।

### ଟେଷ୍ଟରେ ଅଧିନାୟକ ହେବାକୁ ଇଚ୍ଛା

ଜାଡ଼େଜା କହିଛନ୍ତି, ଟେଷ୍ଟ ଦଳ ବଦଳରେ ଟି-୨୦ରେ ଅଧିନାୟକ କରାଯିବା ଅଧିକ କଠିନ। ଟେଷ୍ଟ କ୍ରିକେଟ୍‌ରେ ଆପଣଙ୍କୁ ବୋଲରଙ୍କ ଆବଶ୍ୟକ ଅନୁଯାୟୀ, ଦୁଇ କିମ୍ବା ତିନି ଫିଲ୍ଡର ପରିବ[illegible]ନ କରିବାକୁ ପଡ଼ିଥାଏ। ଟେଷ୍ଟ କ୍ରିକେଟ୍‌ରେ ଅଧିନାୟକତ୍ୱ କରିବା ଟିକେ ଭିନ୍ନ ରହିଥାଏ। ଏଥିରେ ଅଧିକ ଚିନ୍ତା କରିବାକୁ ପଡ଼ି ନ ଥାଏ। ଏହା ଟି-୨୦ କିମ୍ବା ଆଇପିଏଲ୍ ପରି କଷ୍ଟକର ନୁହେଁ।

# ଜୁଡୋରେ ଓଡିଶାକୁ ସଫଳତା

କଟକ, ୨୯।୫: ଆଧୁନିକ ମାର୍ଶାଲ୍ ଆର୍ଟ କୁଡୋରେ ଓଡିଶାକୁ ସଫଳତା ମିଳିଛି। ନିକଟରେ ପୁନେରେ ଆୟୋଜିତ କୁଡୋ ଜାତୀୟ ଚାମ୍ପିଅନଶିପରେ ଓଡିଶାର ଖେଳାଳିମାନେ ପାଞ୍ଚଟି ସ୍ୱର୍ଣ୍ଣ ପଦକ ସହ ୭ଟି ବ୍ରୋଞ୍ଜ ଓ ୭ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଜାତୀୟ ଚାମ୍ପିଅନଶିପରେ ଓଡିଶା ମୋଟ ୧୯ଟି ପଦକ ହାସଲ କରିଛି। ଜୁଡୋ, କରାଟେ, ତାଏକୋଣ୍ଡୋ ଓ ମୁଏଥାଇ ଭଳି ବିଭିନ୍ନ ମାର୍ଶାଲ ଆର୍ଟର କୌଶଳକୁ ମିଶାଇ ଏହି କୁଡୋ ମାର୍ଶାଲ ଆର୍ଟ ଆରମ୍ଭ ହୋଇଛି। ସବୁ ମାର୍ଶାଲ ଆର୍ଟର ମିଶ୍ରଣ ଏଇ ଗୋଟିଏ ଖେଳରେ ରହିଥିବାରୁ ଆଜିକାଲି ଅଧିକାଂଶ ପିଲା କୁଡୋକୁ ହିଁ ପସନ୍ଦ କରୁଛନ୍ତି। ତେବେ ରାଜ୍ୟ ସରକାରଙ୍କ ସହଯୋଗ ଓ ପ୍ରୋତ୍ସାହନ ଅବ୍ୟାହତ ରହିଲେ କୁଡୋରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିପାରିବ ବୋଲି କହିଛନ୍ତି ରାଜ୍ୟ କୁଡୋ ଆସୋସିଏସନର ସମ୍ପାଦକ ନିତାଇ ଶଙ୍କର ଗୁଇଁ ।



# ଭାରତର ଟେଷ୍ଟ ଏକାଦଶକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୨୯।୫: ଭାରତୀୟ କ୍ରିକେଟ୍ ଦଳ ଆଗାମୀ ମାସରେ ଇଂଲଣ୍ଡ ଗସ୍ତ କରିବ ।ଏହି ଗସ୍ତରେ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ ଏହି ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା ହୋଇ ସାରିଛି। ଶୁଭମନ ଗିଲ୍‌ଙ୍କୁ ଦଳର ଅଧିନାୟକ ଓ ଋଷଭ ପନ୍ତଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁନ ୨୦ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ ତେବେ ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ କିଭଳି ରହିବ ତାହା ଉପରେ ଏବେ ସଭିଙ୍କ ନଜର।

ବିସିସିଆଇ ଇଂଲଣ୍ଡ ଗସ୍ତ ପାଇଁ ୧୮ ଜଣିଆ। ଭାରତୀୟ ଦଳ ଘୋଷଣା କରିଛି। ପ୍ରଥମ ଟେଷ୍ଟରେ ସାଇ ସୁଦର୍ଶନ ଓ ଯଶସ୍ୱୀ ଜୟସ୍ୱାଲ ଇନିଂସ ଓପନ କରି ପାରନ୍ତି। ଏହା ପରେ ଅଧିନାୟକ ଶୁଭମନ ଗିଲ୍ ତିନି ନମ୍ବରରେ ଖେଳି ପାରନ୍ତି ନମ୍ବର ୪ରେ ବିରାଟ କୋହଲିଙ୍କ ସ୍ଥାନରେ କେଏଲ ରାହୁଲଙ୍କ ଖେଳିବାର ଆଶା ରହିଛି ।ଏହା ପରେ ୫ ନମ୍ବରରେ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତଙ୍କୁ ଦେଖିବାକୁ ମିଳିପାରେ। ଆଇପିଏଲ୍‌ରେ ଶୋଚନୀୟ ପ୍ରଦର୍ଶନ କରିଥିଲେ ହେଁ, ପନ୍ତଙ୍କଠୁ ଇଂଲଣ୍ଡ ଗସ୍ତରେ ଭଲ ପ୍ରଦର୍ଶନର ଆଶା କରିଛି ଦଳ । ନୀତିଶ କୁମାର ରେଡ୍ଡୀ ନମ୍ବର ୬ରେ ଖେଳି ପାରନ୍ତି ଅଷ୍ଟ୍ରେଲିଆ। ଗସ୍ତରେ ଏହି ଅଲରାଉଣ୍ଡର ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ତେଣୁ ତାଙ୍କୁ ଏହି ନମ୍ବରରେ ପୁଣି ଥରେ ସୁଯୋଗ ମିଳିପାରେ। ସାତ ନମ୍ବରରେ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜାଙ୍କ ଖେଳିବାର ସମ୍ଭାବନା ରହିଛି ଆଠ ନମ୍ବରରେ ଶାର୍ଦ୍ଦୁଳ ଠାକୁର, ପୁଣି ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କୃଷ୍ଣାଙ୍କୁ ଆକ୍ରମଣରେ ଦେଖିବାକୁ ମିଳିପାରେ। ଅର୍ଶଦୀପ ସିଂଙ୍କୁ ବେଞ୍ଚରେ ବସିବାକୁ ପଡ଼ିପାରେ। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ଭାରତର ସମ୍ଭାବ୍ୟ ଏକାଦଶ: ଶୁଭମନ ଗିଲ୍(ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, କେଏଲ ରାହୁଲ, ଋଷଭ ପନ୍ତ(ୱିକେଟ୍ କିପର), ନୀତିଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡ଼େଜା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କୃଷ୍ଣା ।

# ଲାଇଭ୍ ମ୍ୟାଚ୍‌ରେ ପ୍ରବଳ ଝଗଡ଼ା

ନୂଆଦିଲ୍ଲୀ, ୨୯।୫: କ୍ରିକେଟରେ ଖେଳାଳିମାନଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହୁଏ ଅନେକ ସମୟରେ ଏହି ବିତର୍କ ହାତାହାତି ପର୍ଯ୍ୟନ୍ତ ପହଞ୍ଚିଥାଏ। ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସମୟରେ ସମାନ ଘଟଣା ଘଟିଛି ଦୁଇ ଦେଶର ଦୁଇ ଖେଳାଳିଙ୍କ ମଧ୍ୟରେ ଏହି ଝଗଡ଼ା ଏତେ ବଢ଼ି ଯାଇଥିଲା ଯେ ଅମ୍ପାୟାରଙ୍କୁ ମଧ ହସ୍ତକ୍ଷେପ କରିବାକୁ ପଡିଥିଲ। କିନ୍ତୁ ମାମଲାର ସମାଧାନ ହୋଇପାରି ନ ଥିଲା ବୋଲର ବ୍ୟାଟସମ୍ୟାନଙ୍କୁ ହେଲମେଟ ଧରି ଦୁଇଥର ଟାଣି ନେଇଥିଲେ, ଏହି ସମୟରେ ବ୍ୟାଟସମ୍ୟାନ ତାଙ୍କୁ ମାରିବା ପାଇଁ ବ୍ୟାଟ ମଧ ଉଠାଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଜୁନ ୧୧ ତାରିଖରୁ ଅଷ୍ଟ୍ରେଲିଆ। ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଫାଇନାଲ ମ୍ୟାଚ ଖେଳିବାକୁ ଯାଉଛି ।ଏଥିପାଇଁ ଖେଳାଳିମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ଏବଂ କିଛି ଦିନ ମଧ୍ୟରେ ଇଂଲଣ୍ଡରେ ପହଞ୍ଚିବେ। ଏଠାରେ ଏହି ଟାଇଟଲ ମ୍ୟାଚ ଖେଳାଯିବ। କିନ୍ତୁ ଏହି ଝଗଡ଼ା ଜାତୀୟ ଖେଳାଳିମାନଙ୍କ ମଧ୍ୟରେ ନୁହେଁ ବରଂ ବାଂଲାଦେଶରେ ଖେଳାଯାଉଥିବା ଏମର୍ଜିଂ ଟେଷ୍ଟ ସମୟରେ ହୋଇଥିଲା।

ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ମଧ୍ୟରେ ୪ ଦିନିଆ। ଟେଷ୍ଟ ଖେଳାଯାଉଛି। ଏହି ଲଢ଼େଇ ୨୭ ମେରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ହୋଇଥିଲା। ଶେର୍-ଏ-ବାଂଲା ଷ୍ଟାଡିୟମରେ ଖେଳାଯାଉଥିବା ଏହି ଟେଷ୍ଟରେ ବାଂଲାଦେଶ ଦଳ ପ୍ରଥମ ଦିନରେ ୭ ଉଇକେଟ୍‌ରେ ୨୪୨ ରନ କରିଥିଲା । ଦ୍ୱିତୀୟ ଦିନରେ, ନିମ୍ନକ୍ରମ ବ୍ୟାଟ୍ସମ୍ୟାନମାନେ ଦକ୍ଷିଣ ଆଫ୍ରିକାର ବୋଲରମାନଙ୍କୁ ମଧ ପରାସ୍ତ କରିଥିଲେ, ଅଷ୍ଟମ ଉଇକେଟ ପାଇଁ ୪୫ ରନ ଏବଂ ନବମ ଉଇକେଟ ପାଇଁ ୬୭ ରନ୍‌ର ଭାଗୀଦାରୀ ବାଂଲାଦେଶକୁ ଭଲ ସ୍ଥିତିରେ ପହଞ୍ଚାଇଥିଲା।

ଦକ୍ଷିଣ ଆଫ୍ରିକାର ଅଫ-ସ୍ପିନର ସେପୋ ଏଣ୍ଟୁଲି ୧୦୫ତମ ଓଭର ବୋଲିଂ କରିଥିଲେ, ପ୍ରଥମ ବଲରେ, ୧୦ ନମ୍ବର ବ୍ୟାଟ୍ସମ୍ୟାନ ମୋଣ୍ଡୋଲ ଆଗକୁ ଆସି ଏକ



ଛକା ମାରିଥିଲେ। ଏହି ସମୟରେ, ବୋଲର ବ୍ୟାଟ୍ସମ୍ୟାନଙ୍କ ପାଖକୁ ଆସିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା ଅମ୍ପାୟାର ମଧ ସେମାନଙ୍କ ପାଖକୁ ଦୌଡ଼ିଥିଲେ। ବୋଲର ରାଗରେ ବ୍ୟାଟ୍ସମ୍ୟାନଙ୍କ ପାଖକୁ ଆସିଥିଲେ। ଏହା ଦେଖି, ଅମ୍ପାୟାର ତାଙ୍କ ପାଖକୁ ଦୌଡ଼ିଥିଲେ। ବୋଲର ରାଗରେ ବ୍ୟାଟ୍ସମ୍ୟାନଙ୍କ ଠେଲି ଦେଇଥିଲେ, ତାପରେ ବ୍ୟାଟ୍ସମ୍ୟାନ ମଧ ତାଙ୍କୁ ପଛକୁ ଠେଲି ଦେଇଥିଲେ। ବୋଲର ତାଙ୍କ ହେଲମେଟ ଗ୍ରୀଲ ଧରି ତାଙ୍କୁ ଦୁଇଥର ଟାଣି ନେଇଥିଲେ। ଅନ୍ୟ ଦକ୍ଷିଣ ଅଫ୍ରିକାର ଖେଳାଳିମାନେ ମଧ ହସ୍ତକ୍ଷେପ କରିଥିଲେ। ଏହି ସମୟରେ ବ୍ୟାଟସମ୍ୟାନ ମଧ ତାଙ୍କ ବ୍ୟାଟ୍‌କୁ ଉଠାଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ